ଆଜି - ବୁଧବାର
ତାରିଖ - ୧୯ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୦୩
ତିଥି - ସପ୍ତମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ସ୍ୱାତୀ ମଳ, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୧ : ୦୦
ସୂର୍ଯ୍ୟାସ୍ତ - ୬ : ୦୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖ ନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି ।"

- ରବୀନ୍ଦ୍ର ନାଥ ଠାକୁର

E-News : www.Ajikali epaper.com

Vol.- 41 ISSUE- 126 R.N.I. REGD. No. 44026/86 ବାଲେଶ୍ୱର ୧୯ ଅଗଷ୍ଟ ୨୦୨୬ ବୁଧବାର BALASORE 19 AUGUST 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ବନ୍ୟା ପ୍ରଭାବିତ ଜିଲ୍ଲାକୁ ରେଡକ୍ରସର ରିଲିଫ ସାମଗ୍ରୀ ପଠାଇଲେ ରାଜ୍ୟପାଳ

ଭୁବନେଶ୍ୱର : ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପହଂଚାଇବା ଲକ୍ଷ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପାଇଁ ପ୍ରଦତ ରିଲିଫ ସାମଗ୍ରୀକୁ ମଙ୍ଗଳବାର ଦିନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଲୋକଭବନରୁ ପଠାଇଛନ୍ତି । ଏହି ରିଲିଫ ସାମଗ୍ରୀରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ତୁରନ୍ତ ଆବଶ୍ୟକତା ପୂରଣ ପାଇଁ ତାରପୋଲିନ୍ ଓ ପୌଷ୍ଟିକ ଶୁଖିଲା ଖାଦ୍ୟ ପ୍ୟାକେଟ ରହିଛି । ରେଡକ୍ରସ୍ ର ମାନବିକ ସେବା କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ ଡ. କମ୍ଭମପାଟି ସମାଜସେବା ଓ ବିପର୍ଯ୍ୟୟ ମୁକାବିଲାରେ ଯୁବ ରେଡକ୍ରସ ସଦସ୍ୟ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଛନ୍ତି । ବିଶେଷକରି ଜରୁରୀ ପରିସ୍ଥିତିରେ ରିଲିଫ ଓ ମାନବିକ ସହାୟତା କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମ ଅବସରରେ ରେଡକ୍ରସର ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସଂଗଠନ ଏବଂ ସେଂଟ ଜନ୍ ଆମ୍ବୁଲାନ୍ସର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ ଗୁଜରାଟ ଓ ପଞ୍ଜାବ ଗସ୍ତ ସମୟରେ ସେମାନେ ଦେଖିଥିବା ବିଭିନ୍ନ ଆଦର୍ଶ କାର୍ଯ୍ୟକ୍ରମ ଓ ଉତମ ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଯୁବ ରେଡକ୍ରସ ଏବଂ ୟୁଥ ଫର୍ ସେବାର ସ୍ୱେଚ୍ଛାସେବୀମାନଙ୍କ ସହ ମଧ୍ୟ ଆଲୋଚନା କରି ସମାଜସେବା ଓ ମାନବିକ ସହାୟତା କ୍ଷେତ୍ରରେ ସେମାନଙ୍କ ଭୂମିକା ଓ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ । ଏହି ଆଲୋଚନାରେ ରେଡକ୍ରସ୍ ର କାର୍ଯ୍ୟକାରୀ ସଦସ୍ୟ ସ୍ୱୟଂ ପ୍ରକାଶ ବରାଳ, ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ମହାନ୍ତି ଏବଂ ଜୁନିଅର ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।




# ବନ୍ୟା ପ୍ରଭାବିତଙ୍କ ପାଇଁ ଏକ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ପ୍ରାରମ୍ଭିକ ଆକଳନ ଅନୁଯାୟୀ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ
- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା ପ୍ରଦାନ କରାଯିବ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କ୍ରୟ ପାଇଁ ଦିଆଯିବ ସହାୟତା
- କ୍ଷତିଗ୍ରସ୍ତ ରାସ୍ତାଘାଟ, କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତିରେ ମରାମତି କରାଯିବ

ଭୁବନେଶ୍ୱର : ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ମଙ୍ଗଳବାର ଦିନ ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ । ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ । ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଂଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଂଚାୟତ ଅଂଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଂଚ କରିଥିଲେ । ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାର୍ଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି ।





## ଅଳ୍ପରେ ଖବର

- ଐତିହ୍ୟଗ୍ରାମ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ନିମନ୍ତେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସ୍ୱତନ୍ତ୍ର ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ।
- କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡା ।
- କଲେଜରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି । ସି-ବକ୍ସ' ପୋର୍ଟାଲ୍ ଅପଡେଟ୍ ଓ ନିୟମ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ ଦେଇଛି ଉଚ୍ଚ ଶିକ୍ଷା ବିଭାଗ ।
- ବନ୍ୟାରେ ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା ପରି ୭ ଜିଲ୍ଲା ପ୍ରଭାବିତ ହୋଇଛି । ଏନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି । ଏ ସବୁ ଜିଲ୍ଲାରେ ସତର୍କ ସୂଚନା ସହ ପ୍ରାଣୀଙ୍କୁ ଉଚ୍ଚ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଘୁଂଚିଲା ନୂଆ ଡିଜିପି ଚୟନ ଶୁଣାଣି

# ପକ୍ଷ ରଖିଲେ ଓଡ଼ିଶା ସରକାର

ଭୁବନେଶ୍ୱର : ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ମାମଲାର ମଙ୍ଗଳବାର ଶୁଣାଣି ହୋଇଥିଲା । ଏଥିରେ ଓଡିଶା ସରକାର ନିଜ ପକ୍ଷ ରଖିଛନ୍ତି । ତେବେ ସେପ୍ଟେମ୍ବର ୨ରେ ମାମଲାର ପରବର୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ଓଡିଶାରେ ଡିଜିପି ଚୟନକୁ ନେଇ ଆପତି ଉଠାଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ସର୍ବୋଚ୍ଚ କୋର୍ଟରେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ ନିକଟକୁ ପଠାଯାଇଥିବା ଅଧିକାରୀଙ୍କ ପ୍ୟାନେଲକୁ ପ୍ରତ୍ୟାହାର କରି ଏବେ ଏକ ସାନି ତାଲିକା ପ୍ରସ୍ତୁତ କରୁଛନ୍ତି । ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ଦୁଇଜଣ ADG ରାଙ୍କର ପୋଲିସ୍ ଅଧିକାରୀଙ୍କୁ ପଦୋନ୍ନତି ଦେଇ ତାଙ୍କ ନାଁ ୟୁପିଏସସି ନିକଟକୁ ପଠାଯିବାକୁ ଥିବା ନୂଆ ପ୍ୟାନେଲରେ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଆବେଦନକାରୀ ଓ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବା ପରେ ଖଣ୍ଡପୀଠ ଆମିକସ୍ କ୍ୟୁରୀଙ୍କ ମତ ମଧ୍ୟ ନେଇଥିଲେ । ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ ଚୟନ ପ୍ରକ୍ରିୟାରେ ପ୍ରକାଶ ସିଂହ ରାୟର ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ । ତାଙ୍କ ମତକୁ ଆଧାର କରି ଡିଜିପି ଚୟନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ଅଧିକ ତଥ୍ୟ ଦାଖଲ କରିବାକୁ କହିଥିଲେ । ପରବର୍ତି ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ । ମଙ୍ଗଳବାର ଶୁଣାଣିରେ ରାଜ୍ୟ ସରକାର ନିଜ ପକ୍ଷ ରଖିଥିଲେ । ସୂଚନାଯୋଗ୍ୟ ଯେ ୱାଇ. ବି. ଖୁରାନିଆ ଡିଜିପି ପଦରୁ ଅବସର ନେଇଥିବା ସତ୍ୱେ ସୁପ୍ରିମକୋର୍ଟରେ ମାମଲା ଥିବା କାରଣରୁ ଓଡ଼ିଶାରେ ସ୍ଥାୟୀ ଡିଜିପି ନିଯୁକ୍ତି ହୋଇ ପାରି ନାହାନ୍ତି । ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦିଆଯାଇଛି ।



# ରଘୁରାଜପୁରରେ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ

### ରଘୁରାଜପୁରକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ

ପୁରୀ/ଭୁବନେଶ୍ୱର : ଐତିହ୍ୟଗ୍ରାମ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ସ୍ୱତନ୍ତ୍ର ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରଘୁରାଜପୁର ହେଉଛି ଆମ ରାଜ୍ୟର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଏହି ପ୍ରକଳ୍ପ ରଘୁରାଜପୁରର ପର୍ଯ୍ୟଟନ ବିକାଶରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ । ଆମର ଲକ୍ଷ୍ୟ ହେଉଛି ଏଠାକାର ପ୍ରସିଦ୍ଧ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ ଏବଂ ସମୃଦ୍ଧ କଳା-ପରମ୍ପରାକୁ ସମଗ୍ର ବିଶ୍ୱ ଦରବାରରେ ପହଂଚାଇବା ସହ ରଘୁରାଜପୁରକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା । ସୂଚନାଯୋଗ୍ୟ ଯେ ଏହି ସମନ୍ୱିତ ବିକାଶ ଯୋଜନା ଅଧୀନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩ କୋଟି ଟଙ୍କା ବ୍ୟୟରେ ଗ୍ରାମର ଭିତିଭୂମିର ଉନ୍ନତିକରଣ, କଳାକାରଙ୍କ ସୁବିଧା, ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସେବା ଏବଂ ସଂସ୍କୃତିର ପ୍ରଚାର-ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ରଘୁରାଜପୁରର ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ, କାଠଖୋଦେଇ ଓ ମୃଣ୍ମୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଯୋଗାଇଦେବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା ରଖା ଯାଉଛି । ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଶ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, କଳାକାର ଉପସ୍ଥିତ ଥିଲେ ।



# ଗୁଜରାଟର ସେମିକଣ୍ଡକ୍ଟର ଫ୍ୟାସିଲିଟି କେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଓଡ଼ିଶାରେ ଏକ ସୁଦୃଢ଼, ସ୍ଥାୟୀ ଓ ଆତ୍ମନିର୍ଭର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ଲକ୍ଷ୍ୟରେ ମଙ୍ଗଳବାର ଗୁଜରାଟର ସାନନ୍ଦସ୍ଥିତ ସିଜି ସେମି ସେମିକଣ୍ଡକ୍ଟର ଫ୍ୟାସିଲିଟି ପରିଦର୍ଶନ କରିଛନ୍ତି ଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ମନ୍ତ୍ରୀ ଏହି ଅବସରରେ ଫ୍ୟାସିଲିଟିର ବିଭିନ୍ନ ବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀକୁ ନିକଟରୁ ଅନୁଧ୍ୟାନ କରିବା ସହ ସିଜି ସେମିର ଫ୍ୟାସିଲିଟିର ନେତୃବୃନ୍ଦ ଓ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଶିଳ୍ପ, ମାନବ ସମ୍ବଳ, ଯୋଗାଣ ଶୃଙ୍ଖଳ, ଦକ୍ଷତା ବିକାଶ ଓ ଶିଳ୍ପ-ସରକାର ସମନ୍ୱୟ ସମ୍ପର୍କରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । ସାନନ୍ଦରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ର ଅଭିଜ୍ଞତା ଓ ଶିକ୍ଷାକୁ ଓଡ଼ିଶାର ପରିପ୍ରେକ୍ଷୀରେ ଅନୁପ୍ରୟୋଗ କରି ରାଜ୍ୟରେ ଏକ ସ୍ଥିର ସେମିକଣ୍ଡକ୍ଟର ଇକୋସିଷ୍ଟମ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହା ମାଧ୍ୟମରେ ଓଡ଼ିଶାକୁ ଭାରତର ଉଦୀୟମାନ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବାର ଦିଗରେ ନୂଆ ସୁଯୋଗ ସୃଷ୍ଟି ହେବ । ଓଡ଼ିଶାରେ ଉଚ୍ଚ ପ୍ରଯୁକ୍ତି ଓ ଭବିଷ୍ୟତମୁଖୀ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ । ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ, ରୋଜଗାର ଓ ଦକ୍ଷତା ବିକାଶର ନୂଆ ସୁଯୋଗ ସୃଷ୍ଟି ସହ ଓଡ଼ିଶାକୁ ଏକ ଶକ୍ତିଶାଳୀ ଓ ପ୍ରତିସ୍ପର୍ଦ୍ଧୀ ସେମିକଣ୍ଡକ୍ଟର ହବ୍ ଭାବେ ଗଢ଼ି ତୋଳିବା ଦିଗରେ ଏହି ପଦକ୍ଷେପ ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ସେହିପରି କେନ୍ସ ସିଲିକନ୍ ସେମିକଣ୍ଡକ୍ଟର ପରିଦର୍ଶନ କରି ପରୀକ୍ଷଣ ଠାରୁ ଆରମ୍ଭ କରି ଡାଇସିଂ ପର୍ଯ୍ୟନ୍ତ ଲେଜର ମାର୍କିଂ, ପ୍ଲେଟିଂ ଏବଂ ଟିପ୍ସର ପ୍ୟାକେଜିଂ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ୟାକେଜିଂ ପ୍ରକ୍ରିୟା ବୁଲି ଦେଖିଛନ୍ତି ।



# ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ନିମନ୍ତେ ନାଲକୋ ଏବଂ ଗବେଷଣା ପ୍ରତିଷ୍ଠାନ ମାନଙ୍କ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ

### ଫ୍ଲାଏ ଆସ୍‌ରୁ ଉପଯୋଗୀ ଉତ୍ପାଦ ଏବଂ ରେୟାର ଆର୍ଥ ଏଲିମେଂଟ ପୁନରୁଦ୍ଧାର ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଂଟ ସ୍ଥାପନ

ଭୁବନେଶ୍ୱର : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ), ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ପାଇଁ ସ୍କେଲେବଲ୍ ଏବଂ ବାଣିଜ୍ୟ ଉପଯୋଗୀ ସମାଧାନ ବିକାଶ କରିବା ପାଇଁ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି । ଏହି ପ୍ରୟାସର ଅଂଶ ସ୍ୱରୂପ, ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଆଜି ଭୁବନେଶ୍ୱରସ୍ଥିତ ନାଲକୋ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର (ଏନଆରଟିସି)ରେ ବହୁବିଧ ଉପଯୋଗୀ ଉତ୍ପାଦର ପୁନରୁଦ୍ଧାର ନିମନ୍ତେ ବିଟୁମିନସ କୋଇଲା ଫ୍ଲାଏ ଆସ୍ ପ୍ରକ୍ରିୟାକରଣ ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଂଟ ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଶ୍ରୀ ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ଡକ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, ସିଏସଆଇଆର - ଆଇଏମଏମଟି, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଜିଷ୍ଟ୍ରାର, କିଟ ବିଶ୍ୱବିଦ୍ୟାଳୟ, ତଥା ସମସ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଦିନକୁ ୫୦ କିଲୋଗ୍ରାମ ପ୍ରସେସିଂ କ୍ଷମତା ସମ୍ପନ୍ନ ଫ୍ଲାଏ ଆଶ୍ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଂଟକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହାୟତାରେ ଉପରୋକ୍ତ ସଂସ୍ଥା ମାନଙ୍କ ଦ୍ୱାରା ମିଳିତ ଭାବେ ଡିଜାଇନ୍ ଏବଂ ପ୍ରତିଷ୍ଠା କରାଯାଇଛି । ଏହି ପାଇଲଟ୍ ସୁବିଧା ଫ୍ଲାଏ ଆଶ୍ ର ସାମଗ୍ରିକ ବ୍ୟବହାର ପାଇଁ ସିଏସଆଇଆର - ଆଇଏମଏମଟି ଏବଂ ନାଲକୋ ଦ୍ୱାରା ବିକଶିତ ଏକ ମିଳିତ ପେଟେଂଟ ପ୍ରକ୍ରିୟା ଉପରେ ଆଧାରିତ । ଏହି ପ୍ରକ୍ରିୟା ଆଲୁମିନା, ସେରାମିକ୍ ପ୍ରୟୋଗ ପାଇଁ କ୍ୟାଲସିୟମ୍ ସିଲିକେଟ୍, କାଚ ତିଆରିରେ ସମ୍ଭାବ୍ୟ ପ୍ରୟୋଗ ସହିତ କ୍ୱାର୍ଟଜ୍ ଅବଶିଷ୍ଟ ଏବଂ ସ୍କାନଡିୟମ୍ ସମେତ ରେୟାର ଆର୍ଥ ଏଲିମେଂଟ ରେ ସମୃଦ୍ଧ ଏକ ଲୁହା ହାଇଡ୍ରୋକ୍ସାଇଡ୍ ଅବଶିଷ୍ଟ ସମେତ ବହୁବିଧ ମୂଲ୍ୟଯୁକ୍ତ ଉତ୍ପାଦର ପୁନରୁଦ୍ଧାର କରାଯାଇପାରିବ ।



# ବାଲେଶ୍ୱରରେ ଗୁଞ୍ଜରିତ ହେଲା 'ବନ୍ଦେ ମାତରମ୍' ଧ୍ୱନି




ବାଲେଶ୍ୱର,(ନି.ପ୍ର.): ସ୍ୱାଧୀନତା ଦିବସ ଅବସରରେ ବାଲେଶ୍ୱର ଓଟି ରୋଡ଼୍ ?ସ୍ଥିତ ହୋଟେଲ ହରିପ୍ଲାଜାରେ ସ୍ୱଦେଶ ସଂଗ୍ରାମ ଫାଉଣ୍ଡେସନ୍ ପକ୍ଷରୁ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ ଉତ୍ସାହ ଓ ଗରିମାର ସହ ଆୟୋଜିତ ହୋଇଯାଇଛି । ଦେଶପ୍ରେମ, ଜାତୀୟ ଏକତା ଏବଂ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସକୁ ସ୍ମରଣ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ ଜାଗ୍ରତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ସକାଳେ ଅଲିଭା ଦାସ କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିବା ବେଳେ ସୀମନ ଦାସମହାପାତ୍ର ଅତିଥିମାନଙ୍କୁ ମଂଚକୁ ସ୍ୱାଗତ କରିଥିଲେ । ଡା. ଶ୍ରୀମାନ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜାତୀୟ ସଙ୍ଗୀତ ଗାନ ଓ ଦୀପ ପ୍ରଜ୍ୱଳନ ପରେ ରାଜକିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିକାଶ ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ନିରଞ୍ଜନ ମହାନ୍ତି ବିବରଣୀ ରଖିଥିଲେ । ସଭାପତି ଅସିତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଫାଉଣ୍ଡେସନ୍ ?ର ଚେୟାରମ୍ୟାନ୍ ସଂଗ୍ରାମ ଦାସ ଅଭିଭାଷଣ ରଖିଥିଲେ ।ମୁଖ୍ୟ ଅତିଥି ଆଇଟିଆର ନିର୍ଦ୍ଦେଶକ କେ. ସୁରେନ୍ଦ୍ରନ୍ ଏବଂ ସମ୍ମାନିତ ଅତିଥି ଆଇଆଇଟି ଦିଲ୍ଲୀର ବାୟୋମେଡିକାଲ୍ ବିଭାଗର ମୁଖ୍ୟ ଡା. ତପନ କୁମାର ଗାନ୍ଧୀ ଦେଶର ବିକାଶ, ଯୁବପିଢ଼ିଙ୍କ ଭୂମିକା ଓ ଜାତୀୟ ଏକତା ସମ୍ପର୍କରେ ନିଜ ମତ ରଖିଥିଲେ ।ଏହି ଅବସରରେ ଆଶାଲତା ପାଣିଗ୍ରାହୀ, ସହିଦ ଗଙ୍ଗାରାମ, ଡା. ତପନ କୁମାର ଗାନ୍ଧୀ, ଡା. ଶିତାଂଶୁ ଶେଖର ଦାସ, ଡା. ଘନଶ୍ୟାମ ବିଶ୍ୱାଳ ଓ ବିଜୟ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱର୍ଗତ ହିମାଂଶୁ ଦାସଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ହିମାଂଶୁ ମେମୋରିଆଲ୍ ସମ୍ମାନ' ଏଥର ଡା. ଶ୍ରୀମାନ ଶ୍ରୀଚନ୍ଦନଙ୍କୁ ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ଅନେକ ବ୍ୟକ୍ତିଙ୍କୁ ମଧ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁପମ ମିଶ୍ର ସଂଯୋଜନା କରିଥିଲେ । ଡା. ଅରବିନ୍ଦ ପଣ୍ଡା, ଦମୟନ୍ତୀ ପଣ୍ଡା, ଆଶିଷ ପଟ୍ଟନାୟକ, ସିଲାବ ସତ୍ୟକାମ, ସିମିତ ମହାନ୍ତି, ନିଶିତ ବାରିକ, ହେମନ୍ତ ମହାନ୍ତି, ଜିତ ପ୍ରକାଶ ଦାଶ, ସରୋଜ ଦାଶ, ସରୋଷ ବଧନୱାଲ୍ଲା, ଉପେନ୍ଦ୍ର ବେହେରା, ଗୌରହରି ମଲ୍ଲିକ, ଯୋଗେଶ୍ୱର ଭଞ୍ଜ, ଜିତେନ୍ଦ୍ର ଦାସ, ଶ୍ରୀମନ୍ତ ମାଝୀ, ଜିତେନ୍ଦ୍ର ମହାଳିକ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ରାଜେନ୍ଦ୍ର ପଟ୍ଟନାୟକ, ରାଜକିଶୋର ମିଶ୍ର, ସୁଜୟ ଆଚାର୍ଯ୍ୟ, ସତ୍ୟପ୍ରକାଶ ପତି, ଜୟଦେବ ଖୁଂଟିଆ, ସମରେଶ ସାମଲ, ସୌଭାଗ୍ୟ ମାନସ ନାୟକ, ହ୍ରିତିକ ନାୟକ, ଜୟରାମ ଦାସ, ସମ୍ବିତ ସାବନ ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ଅଜୟ ପ୍ରଧାନ, ସିଦ୍ଧାର୍ଥ କୁଇଲି, ଅନିରୁଦ୍ଧ ଦାସ, ସୁବର୍ଣ୍ଣ କେଶରୀ ସାମଲ, ସଲିମ ସୁବାଶ, ବିଶ୍ୱଜିତ ପ୍ରମାଣିକ, ଜ୍ୟୋତି ସାମଲ, ଯାଜ୍ଞସେନୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜୀବନ ସଂଗ୍ରାମ ମିଶ୍ର, ସୁଶୀଲ ପଣ୍ଡା ଓ ରାଜେଶ ମହାକୁଡ଼ଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ତାପସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଦେଶପ୍ରେମ, ଜାତୀୟ ଏକତା ଓ ସ୍ୱାଧୀନତାର ମହତ୍ୱର ବାର୍ତ୍ତା ବହନ କରୁଥିବା 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ ଉତ୍ସାହ ଓ ଗରିମାର ସହ ସମାପିତ ହୋଇଥିଲା ।

# କାନ୍ଥ ଭୁଶୁଡ଼ି ଆଇ-ନାତିଙ୍କ ମୃତ୍ୟୁ: ଶୋକସନ୍ତପ୍ତ ପରିବାରକୁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମବେଦନା

ବାଲେଶ୍ୱର/ଜଳେଶ୍ୱର(ନି.ପ୍ର.): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତରେ ଦୁଇ ଦିନ ତଳେ କାନ୍ଥ ଭୁଶୁଡ଼ି ଶ୍ରାଦ୍ଧିକା ଜେନା ଓ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ଅକାଳ ମୃତ୍ୟୁ ଘଟଣାରେ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଘଟଣା ସମ୍ପର୍କରେ ଖବର ପାଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ମୃତକଙ୍କ ଘରେ ପହଂଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ ।ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ସ୍ମୃତିରେଖା ସ୍ୱାଇଁଙ୍କୁ ମଧ ସାଂସଦ ଭେଟିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚାଲିଥିବା ଚିକିତ୍ସା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଚିକିତ୍ସାରେ ଯେପରି କୌଣସି ପ୍ରକାର ଅବହେଳା ନହୁଏ, ସେଥିପ୍ରତି ମଧ ସାଂସଦ ଗୁରୁତ୍ୱାରୋପ କରିଥିଲେ ।ସେହିପରି ତହସିଲଦାର, ବିଡିଓ ଓ



ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ପୀଡ଼ିତ ପରିବାରଙ୍କୁ ସରକାରୀ ସହାୟତା ଓ ସ୍ୱେଚ୍ଛାଧୀନ ଆସିଷ୍ଟାନ୍ସ ପ୍ରଦାନର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିବା ସାଂସଦ କହିଥିଲେ ।ଏଥିସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମୃତକ ଦୁଇଜଣଙ୍କ ପରିବାରକୁ ତୁରନ୍ତ ସହାୟତା ଭାବେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ । ଏହି ସହାୟତା ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ପରିବାରଙ୍କୁ ପ୍ରଦାନ କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଥିବା ବେଳେ ପୀଡ଼ିତ ପରିବାରଙ୍କୁ ଆବଶ୍ୟକ ସରକାରୀ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହିତ ଫୋନ୍ ଯୋଗେ ଆଲୋଚନା ଓ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଦିଗରେ ପ୍ରଶାସନ ତତ୍ପର ରହିବାକୁ ସାଂସଦ ଗୁରୁତ୍ୱ ଦେଇଛନ୍ତି ।

# ଆଂଚଳିକ ଉନ୍ନୟନ ପରିଷଦର ସାହିତ୍ୟ ଆସର



ବାଲେଶ୍ୱର(ନି.ପ୍ର.)ଗତ ସ୍ୱାଧୀନତା ଦିବସର ସୁ ଅବସରରେ ଗଣ୍ଡିବେଡ଼ ଆଂଚଳିକ ଉନ୍ନୟନ ପରିଷଦ ତରଫରୁ କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସମାଜ ସଂସ୍କାର ଓ ପରିବର୍ତ୍ତନର ଧାରା --- କଥାକାର ଅନନ୍ତ ପ୍ରସାଦ ପଣ୍ଡା ଓ ଏକ ସାହିତ୍ୟ ଆସର ର ଆୟୋଜନ କରା ଯାଇଥିଲା ! ପ୍ରଥମ ସୋପାନରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ ଙ୍କ ପୌରାହିତ୍ୟରେ ଏହି ଅଂଚଳର ବିଶିଷ୍ଟ କବି ସର୍ବଶ୍ରୀ ରଘୁନାଥ ଦଳେଇ,, ବସନ୍ତ କୁମାର ଦାସ,, ଡ଼ ମଦନ ମୋହନ ମହଲା, ଭଗବାନ ସେଠୀ,, ଡ଼ ଅଭୟ କୁମାର ମହାନ୍ତି,, ସୁରେଶ ଚନ୍ଦ୍ର ପାଢ଼ୀ,, ସଂକୀର୍ତ୍ତନ ପଣ୍ଡା,, ଜୟନ୍ତ କୁମାର ସାମଲ ପ୍ରଭୃତି ନିଜସ୍ୱ ରଚନାର କବିତା ପାଠ କରିଥିଲେ ! ଦ୍ୱିତୀୟ ସୋପାନ ରେ ଆଂଚଳିକ ଉନ୍ନୟନ ପରିଷଦର ସଭାପତି ଡ଼ ମଦନ ମୋହନ ମହଲା ଙ୍କ ସଭାପତିତ୍ୱରେ କଥାକାର ତଥା କବି ଅନନ୍ତ ପ୍ରସାଦ ପଣ୍ଡା ଙ୍କ ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଥିଲା ! ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଡ଼ କାଳିପଦ ପଣ୍ଡା,, ମୁଖ୍ୟ ବକ୍ତା ଡ଼ ଅଭୟ କୁମାର ମହାନ୍ତି,, ସମ୍ମାନିତ ଅତିଥି ଭାବରେ ଆଡ଼ଭୋକେଟ କୃଷ୍ଣଚନ୍ଦ୍ର ନାୟକ ! ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ସ୍ଥଳେ ମଂଚ ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ! ଉପ ସଭାପତି ଅଭିମନ୍ୟୁ ରାଉଳ,, ଶ୍ରୀ ପଦ୍ମଲୋଚନ ଜେନା ଧନ୍ୟବାଦ ଦେଇଥିଲେ ! ଡ଼ କାଳିପଦ ପଣ୍ଡା କବି ସ୍ୱର୍ଗତ ଅନନ୍ତ ପ୍ରସାଦ ପଣ୍ଡା ଙ୍କ ସମ୍ପର୍କ ରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ ! ଏହି କାର୍ଯ୍ୟକ୍ରମ ରେ ସର୍ବ ଶ୍ରୀ ମଧୁସୂଦନ ଜେନା,, ଦୀନେଶ ଜେନା,, ପଙ୍କଜ ବାରିକ,, ସୁବାସ ଚନ୍ଦ୍ର ପ୍ରଧାନ, ସହଯୋଗ କରିଥିଲେ ! ! ଆଂଚଳିକ ଉନ୍ନୟନ ପରିଷଦ ପକ୍ଷରୁ ସକାଳ ୮ ଘଟିକା ସମୟରେ ମହାଦେବ ପଡ଼ିଆ ରେ ଡ଼ ମଦନ ମୋହନ ମହଲା ଙ୍କ ସଭାପତିତ୍ୱ ରେ ପତାକା ଉତୋଳନ କରାଯାଇ ଥିଲା !

# ଆନ୍ଦୋଳନରୁ ଓହରିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ

ବାଲେଶ୍ୱର,(ନି.ପ୍ର) ବିଭିନ୍ନ ଦାବି ନେଇ ଅଲ୍ ଓଡିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା । ସମବାୟ ସମିତି ସମୂହ ନିବନ୍ଧିକ ଦାବି ଉପରେ ଏକ କମିଟି ଗଠନ ସହ ମହାସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତିଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ନିବନ୍ଧକଙ୍କ ଏହି ପ୍ରତିଶୃତିକୁ ସମ୍ମାନ ଜଣାଇ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି । ଏହା ପରେ ବି ଦାବି ପୂରଣ ନେଇ ଉଚିତ ପଦକ୍ଷେପ ନିଆନଗଲେ ମହାସଂଘ ଆନ୍ଦୋଳନକୁ ଜୋରଦାର କରିବା ସହ ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କକୁ ଅଚଳ ପାଇଁ ଉଦ୍ୟମ କରିବ ବୋଲି ଚେତାବନୀ ଦିଆଯାଇଛି । ବିଶେଷକରି କର୍ମଚାରୀ ସେବା ନିୟମାବଳୀର ସଂଶୋଧନ, ପେନସନ୍ କର୍ପସ୍ ଫଣ୍ଡ ଗଠନ ଏବଂ ବକେୟା ଆର୍ଥିକ ସୁବିଧା ପ୍ରଦାନ ପ୍ରଭୃତି ଦାବି ନେଇ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଆଲୋଚନା କରି ବିଫଳ ହେବା ପରେ ୯ ରୁ ୧୪ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ୍ ପରିଧାନ କରି ମଧ୍ୟାହ୍ନ ଭୋଜନ ସମୟରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । ଆଜି ମଧ ସମସ୍ତ କର୍ମଚାରୀ ସାମୂହିକ ଛୁଟି ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ନିବନ୍ଧକଙ୍କ ପ୍ରତିଶୃତି ପରେ କର୍ମଚାରୀ ଆନ୍ଦୋଳନରୁ ଓହରିଥିବା ମହାସଂଘ ପକ୍ଷରୁ କୁହାଯାଇଛି ।

# ବାଙ୍ଗିରିପୋଷି–ରୂପସା ରେଳପଥରେ ଯୁଦ୍ଧକାଳୀନ ଭିତିରେ ଚାଲିଛି ପୁନରୁଦ୍ଧାର କାର୍ଯ୍ୟ

ବାଲେଶ୍ୱର,(ନି.ପ୍ର.): ଲଗାଣ ବର୍ଷା ଯୋଗୁଁ ବାଙ୍ଗିରିପୋଷି–ରୂପସା ରେଳପଥର ଭଞ୍ଜପୁର–ବେତନଟୀ ମଧ୍ୟରେ ରେଳଧାରଣା ତଳୁ ମାଟି ଧୋଇଯିବା ପରେ ଖରଗପୁର ଡିଭିଜନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ରେଳପଥର ସୁରକ୍ଷା ଓ ସ୍ଥିରତା ସୁନିଶ୍ଚିତ କରିବା ସହ ଯଥାଶୀଘ୍ର ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବା ଲକ୍ଷ୍ୟରେ କାର୍ଯ୍ୟ ଜୋରଦାର କରାଯାଇଛି ।ଲଗାଣ ଓ ଅବିରତ ବର୍ଷା ଯୋଗୁଁ ଭଞ୍ଜପୁର ଓ ବେତନଟୀ ମଧ୍ୟରେ ରେଳପଥର ବ୍ୟାଙ୍କ ସ୍ଲିପ୍ ହୋଇଥିଲା । ଫଳରେ ରେଳଧାରଣା ତଳେ ଥିବା ମାଟିର ଏକ ଅଂଶ ଧୋଇଯାଇଥିଲା । ଘଟଣା ସମ୍ପର୍କରେ ଖରଗପୁର ଡିଭିଜନ ପକ୍ଷରୁ ତୁରନ୍ତ ସ୍ଥିତି ସମୀକ୍ଷା କରାଯାଇ ରେଳପଥର ସୁରକ୍ଷା ଓ ସ୍ଥାୟୀତ୍ୱ ପାଇଁ ଜରୁରୀ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି ।ପ୍ରଭାବିତ ଅଂଚଳକୁ ମଜବୁତ କରିବା ସହ ନିକଟସ୍ଥ ରେଳପଥର ଫର୍ମେସନକୁ ସୁଦୃଢ଼ କରିବା ଏବଂ ଆଗକୁ ମାଟି ଧୋଇଯିବା ରୋକିବାକୁ ପ୍ରାଥମିକତା ଦିଆଯାଇଛି । ନିର୍ଦ୍ଧାରିତ ସମସ୍ତ ସୁରକ୍ଷା ମାନଦଣ୍ଡକୁ ପାଳନ କରି ଯଥାଶୀଘ୍ର ରେଳପଥ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି । ଖରଗପୁର ଡିଭିଜନର ଡିଆରଏମ୍ ଶ୍ରୀ ଲଳିତ ମୋହନ ପାଣ୍ଡେ ପ୍ରଭାବିତ ସ୍ଥାନ ପରିଦର୍ଶନ କରି ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ରେଳପଥର ସୁରକ୍ଷା ଓ ଗୁଣବତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି ।ରେଳବାଇର ଇଞ୍ଜିନିୟରିଂ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକାଳୁ ଘଟଣାସ୍ଥଳରେ ଉପସ୍ଥିତ ରହି ପୁନରୁଦ୍ଧାର କାର୍ଯ୍ୟର ତଦାରଖ ଓ ନିରୀକ୍ଷଣ କରୁଛନ୍ତି । ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ ମାନବ ସମ୍ବଳ, ଯନ୍ତ୍ରପାତି ଓ ନିର୍ମାଣ ସାମଗ୍ରୀ ମୁତୟନ କରାଯାଇଛି । ବାଙ୍ଗିରିପୋଷି–ରୂପସା ରେଳପଥରେ ସୁରକ୍ଷିତ ଓ ଶୀଘ୍ର ଟ୍ରେନ୍ ଚଳାଚଳ ପୁନଃ ଆରମ୍ଭ କରିବା ଲକ୍ଷ୍ୟରେ ଖରଗପୁର ଡିଭିଜନ ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି ।

# ବନ୍ୟା ପାଇଁ ୧୦ଦିନ ବିଟିସିସିର ଧାରଣା କାର୍ଯ୍ୟକ୍ରମ ଘୁଂଚିଲା

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲାରେ ଭୟାବହ ବନ୍ୟା ପାଇଁ ଜିଲ୍ଲା ପ୍ରଶାସନ ବନ୍ୟାର ପ୍ରତିକାର ପାଇଁ ନିଯୁକ୍ତ ହୋଇଥିଲା ବେଳେ ବିଟିସିସି ଏଥିପାଇଁ ୧୦ଦିନ ସମୟ ନେଇଛି । ଯଦି ଏହି ସମୟ ମଧ୍ୟରେ ସେମାନଙ୍କର ସମସ୍ୟା ସମାଧାନ କରାନଯାଏ ତେବେ ୧୦ଦିନ ପରେ ବିଟିସିସି ଓ ବିର୍ଲା କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମ୍ପୃକ୍ତ ଥିବା ୩୦ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ, ମାଲିକସଂଘ, ସମସ୍ତେ ବିରଳା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଟିସିସିର ମୁଖ୍ୟ ନରେନ୍ଦ୍ର ବିହାରୀ ଦାସ ମତବ୍ୟକ୍ତ କରିଛନ୍ତି । ପ୍ରକାଶଯେ, ବିର୍ଲା ଟାୟାରରେ ସ୍ଥାନୀୟ ଟ୍ରକ୍‌ଗୁଡ଼ିକୁ ପରିବହନ କାର୍ଯ୍ୟରେ ଅଗ୍ରାଧିକାର ଦେବା ଦାବିରେ ଆଜି ବାଲେଶ୍ୱର ଟ୍ରକ୍ କ୍ୟାରିୟର୍ସ କୋ-ଅପରେଟିଭ୍ (B.T.C.C.) ପକ୍ଷରୁ ଏକ ରାଲି କରାଯାଇଥିଲା । ପରେ ସଂସ୍ଥାର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ । B.T.C.C. ପକ୍ଷରୁ କୁହାଯାଇଛି ଯେ, ବାଲେଶ୍ୱରର ଶିକ୍ଷିତ ବେକାର ଯୁବକମାନଙ୍କୁ ନେଇ ଟ୍ରକ୍ ପରିବହନ ବ୍ୟବସ୍ଥା ମାଧ୍ୟମରେ ଦୀର୍ଘ ପ୍ରାୟ ୩୦ ବର୍ଷ ଧରି ଅନେକ ପରିବାର ଜୀବିକା ନିର୍ବାହ କରିଆସୁଛନ୍ତି । ବିର୍ଲା ଟାୟାର କାରଖାନା ଆରମ୍ଭ ସମୟରୁ ସ୍ଥାନୀୟ ଯୁବକମାନେ ଟ୍ରକ୍ ଯୋଗାଇ ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏହା ଫଳରେ ବାଲେଶ୍ୱରରେ ଟ୍ରକ୍ ପରିବହନକୁ ନେଇ ଏକ ବଡ଼ ଜୀବିକା ବ୍ୟବସ୍ଥା ଗଢ଼ିଉଠିଥିବା ସଂଘ କହିଛି । ସଂଘର ଅଭିଯୋଗ ଅନୁସାରେ, ୨୦୧୯ ମସିହାରୁ ବିର୍ଲା ଟାୟାର କାରଖାନା ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ଘଉଖଞ୍ଜ ପ୍ରକ୍ରିୟା ମାଧ୍ୟମରେ କାରଖାନାର ପରିଚାଳନାରେ ପରିବର୍ତ୍ତନ ଆସିଥିଲା । ବର୍ତ୍ତମାନ କାରଖାନାରେ ଟାୟାର୍ ଉତ୍ପାଦନ ଓ ବ୍ୟବସାୟିକ କାର୍ଯ୍ୟ ଚାଲିଥିଲେ ମଧ ସ୍ଥାନୀୟ ଟ୍ରକ୍‌ଗୁଡ଼ିକୁ ପରିବହନରେ ଆବଶ୍ୟକ ଅଗ୍ରାଧିକାର ଦିଆଯାଉନଥିବା ଇ.ଞ.ଉ.ଉ. ପକ୍ଷରୁ ଅଭିଯୋଗ କରାଯାଇଛି । ସଂଘର କହିବାନୁଯାୟୀ, ଗତ ପ୍ରାୟ ଦୁଇ ବର୍ଷ ଧରି ରାଜ୍ୟ ବାହାରର ଟ୍ରକ୍‌ଗୁଡ଼ିକୁ ଟାୟାର୍ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହା ଯୋଗୁଁ ସ୍ଥାନୀୟ ଟ୍ରକ୍ ମାଲିକ, ଡ୍ରାଇଭର, ହେଲ୍ପରଙ୍କ ସମେତ ଟ୍ରକ୍ ଉପରେ ନିର୍ଭରଶୀଳ ଗ୍ୟାରେଜ୍ ଓ ଅନ୍ୟାନ୍ୟ ବ୍ୟବସାୟୀମାନେ ଆର୍ଥିକ ସମସ୍ୟାରେ ପଡ଼ିଥିବା ସେମାନେ କହିଛନ୍ତି । ଏନେଇ ବିର୍ଲା ଟାୟା ?ର ଅଧିକାରୀ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ ସମାଧାନ ମିଳିନଥିବା ଇ.ଞ.ଉ.ଉ. ପକ୍ଷରୁ ଦାବି କରାଯାଇଛି ।ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱରର ଟ୍ରକ୍ ମାଲିକ, ଡ୍ରାଇଭର, ହେଲ୍ପର ଏବଂ ଜାନୁଗଞ୍ଜ ଗୋଲେଇ ଅଂଚଳର ଟ୍ରକ୍ ପରିବହନ ଉପରେ ନିର୍ଭରଶୀଳ ଗ୍ୟାରେଜ୍ ମାଲିକମାନେ ଏକାଠି ହୋଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଆଗାମୀ ୭ ଦିନ ମଧ୍ୟରେ, ଅର୍ଥାତ୍ ୧୭ ଅଗଷ୍ଟ ସୁଦ୍ଧା, ସମସ୍ୟାର ସମାଧାନ ନହେଲେ ବିର୍ଲା ଟାୟର୍ସ ଗେଟ୍ ସମ୍ମୁଖରେ ପରିବାର ସହ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।ସ୍ଥାନୀୟ ଯୁବକଙ୍କ ଜୀବିକା ଓ ଟ୍ରକ୍ ପରିବହନ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାର, ଜିଲ୍ଲାପାଳ, ପରିବହନ ବିଭାଗ ଏବଂ ବିର୍ଲା ଟାୟାରର ସମ୍ପୃକ୍ତ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛି ।

## ବାଲେଶ୍ୱର ହକର ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର,(ନିପ୍ର); ବାଲେଶ୍ୱର ସହର ହକର ସଂଘ ପକ୍ଷରୁ କଚେରୀ ହତା ପରିସରରେ ଖବରକାଗଜ ବିତରକ ସଂଘର ୮୦ତମ ସ୍ୱାଧୀନତା ଦିବସ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, କୋଷାଧକ୍ଷ ଯୋଗେନ୍ଦ୍ର ତପସ୍ୱୀ ଓ ଯୁବନେତା ଧିରେନ୍ ନାୟକ, ଅନନ୍ତ ସେନ୍, ଗଦାଧର ଦାସ, ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେନ୍ଟରରେ ସାପ୍ତାହିକ ସେବା ଆରମ୍ଭ

ବାଲେଶ୍ୱର, (ନି.ପ୍ର); ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେନ୍ଟରରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ସରକାରୀ ମେଡ଼ିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅଗଷ୍ଟ ୧ରେ ସେନ୍ଟର ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୮ ବର୍ଷ ଧରି ବାଲେଶ୍ୱରରେ ଏମ୍ସର ବର୍ହିବିଭାଗ ସପ୍ତାହକୁ ମାତ୍ର ଦୁଇଦିନ କାର୍ଯ୍ୟକରୁଥିଲା । ୩୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦୂରର କଥା, ସପ୍ତାହରେ ମାତ୍ର ଦୁଇଦିନ ଖୋଲା ରହୁଥିଲା । ପ୍ରତିବାଦ ପ୍ରତିନିଧିଙ୍କ ସହ ଆଲୋଚନାବେଳେ ଅଗଷ୍ଟ ୧୫ ପରେ ଏମ୍ସ ବର୍ହିବିଭାଗ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ସରକାରୀ ଔଷଧ ଦୋକାନ ଓ ସମସ୍ତ ରୋଗର ପରୀକ୍ଷା ନିରୀକ୍ଷା ଆରମ୍ଭ କରାଯିବ ବୋଲି ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ପ୍ରତିଶୃତି ଅନୁଯାୟୀ ଆଜିଠାରୁ ସାପ୍ତାହିକ ସେବା ଆରମ୍ଭ ହୋଇଛି । ସର୍ଜରୀ,ଗାଇନିଂ, ମେଡିସିନ୍, ପେଡିଆଟ୍ରିକ୍, ଇଏନ୍‌ଟି, ଡର୍ମାଟୋଲୋଜି, ନ୍ୟୁରୋ, ଅର୍ଥୋପେଡିକ୍, ଏଣ୍ଡ୍ରୋକୋଲୋଜି, ସାଇଟିକା, ଆଦି ବିଭାଗ କାର୍ଯ୍ୟ କରିବ । ଆଜି ପ୍ରଥମ ଦିନରେ ଅର୍ଥୋପେଡିକ୍, ଚର୍ମ, ପ୍ରସୂତି, ସ୍ତ୍ରୀ ରୋଗ ଓ ଦନ୍ତ ଚିକିତ୍ସା ବିଭାଗ କାର୍ଯ୍ୟ ଆରମ୍ଭ କରିଛି ।

## ହୃଦ୍‌ଘାତରେ ଚାଲିଗଲେ ରଶ୍ମିତା

ବାଲେଶ୍ୱର,(ନି.ପ୍ର); ସହଦେବଖୁନ୍‌ଟା ଥାନା ଅନ୍ତର୍ଗତ ଅଙ୍ଗାରଗଡିଆ ଠାରେ ବାସ କରୁଥିବା ଅମିତ କୁମାର ପ୍ରଧାନଙ୍କ ସହଧର୍ମୀଣୀ ରଶ୍ମିତା ପ୍ରଧାନ ବୟସ ୪୨ ଗତ ୧୪।୯।୨୦୨୬ ରିଖରେ ହୃଦଘାତରେ ଦେହାନ୍ତ ହୋଇଯାଇଛି । ସଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଅମିତ ଶାଶୁ ଗୌରମଣି ୧୪ ବର୍ଷର ପୁତ୍ର ଚିରଞ୍ଜିବୀ ପ୍ରଧାନ ଉପସ୍ଥିତ ଥିଲେ ।

## ଚେତନା ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର,(ନିପ୍ର); ସାମାଜିକ ଅନୁଷ୍ଠାନ 'ଚେତନା'ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଆଇନଜୀବୀ ମାୟାଧର ବିଶ୍ୱାଳ ଜାତୀୟ ପତାକା ଉତୋଳନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପଦେଷ୍ଟା କବି ପ୍ରଶାନ୍ତ ଦାସ, ଶିକ୍ଷାବିତ୍ ମୁରଲୀଧର ନାୟକ, ଆଇନଜୀବୀ ଯଶୋଦା ନନ୍ଦନ ଆଶ, କବି ଶ୍ରୀ ଦେବ, ଭି ଫାଉଣ୍ଡେସନର ମୁଖ୍ୟ ବିପ୍ଳବ କୁମାର ଦାସ ମହାପାତ୍ର,ଉତମ କୁମାର ମାଇତି, ସିଦ୍ଧାନ୍ତ ଶେଖର ରାଉଳ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱାଧିନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ କାର୍ଯ୍ୟକୁ ଆଇନଜୀବୀ ରାଜୀବ କୁମାର ବେହେରା, ଆଇ ଆଶିଷ ପ୍ରଧାନ, ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ବାଞ୍ଛାନିଧି ଦାସ, ଶୁଭ୍ରାଂଶୁ ଦଣ୍ଡପାଟ, ପ୍ରମୁଖ ପରିଚାଳନା କରିଥିଲେ ।

# ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ଦ୍ୱାରା 'କଦମ୍ବ ଫୁଟିଲା ସହି' ବର୍ଷା କବିତା କୋଲାଜ୍ ଅନୁଷ୍ଠିତ



ବାଲେଶ୍ୱର:(ନି.ପ୍ର.) ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସଂସଦ କାର୍ଯ୍ୟାଳୟ ପରିସରରେ 'କଦମ୍ବ ଫୁଟିଲା ସହି' ଶୀର୍ଷକ ବର୍ଷା କବିତା କୋଲାଜ୍ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ତଥା ବିଶିଷ୍ଟ କଥାକାର ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ଆସରକୁ ସଂସଦର ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ସଂଚାଳନ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଲେଶ୍ୱର ଆଇନ କଲେଜର ଅନ୍ୟତମ ପ୍ରତିଷ୍ଠାତା ତଥା ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତଃ ପ୍ରଶାନ୍ତ ଚାନ୍ଦଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ସଂସଦର ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ବିଶାରଦ ଅମୃତାଂଶୁ ପଟ୍ଟନାୟକ ଜଗନ୍ନାଥ ଭଜନ ପରିବେଷଣ କରି ଆସରକୁ ଭାବମୟ କରିଥିଲେ ।ଏହି ସମାରୋହରେ 'ସମାଜ' (ଉତର ଓଡ଼ିଶା ସଂସ୍କରଣ)ର ସମ୍ବାଦ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମେଘ ମାଟିକୁ ଶୀତଳ କରୁଥିବା ବେଳେ କବି ଓ ଲେଖକ ସମାଜକୁ ଶାନ୍ତ ଓ ସ୍ନିଗ୍ଧ କରିଥାନ୍ତି । ଆଜିର ଯୁଦ୍ଧବିଭୀଷିକାମୟ ପୃଥିବୀରେ ଏଭଳି କବିତା ପାଠ ଆଶା ଓ ବିଶ୍ୱାସର ଏକ ଅଭିନବ ପ୍ରୟାସ । ବର୍ଷା ଜୀବନ ସଂଚାର କରେ ଏବଂ ସୃଜନଶୀଳତାର ନୂତନ ଆଲୋକ ଦେଖାଏ । ଅନ୍ୟତମ ଅତିଥି କବି ଅଭୟ ଦାସ ବର୍ଷାକୁ ଶୀତଳତାର ଆହ୍ଲାଦ ଓ କବି ହୃଦୟରେ ନୂତନ ଶବ୍ଦର ଉନ୍ମେଷ ବୋଲି ବ୍ୟାଖ୍ୟା କରିଥିଲେ । ସେହିପରି କବି କାଳୀପଦ ପଣ୍ଡା ନିଜ ଅନୁଭୂତିରୁ କହିଥିଲେ ଯେ, ଓଳି ତଳେ କାଗଜ ଡଙ୍ଗା ଭସାଇବାର ସ୍ମୃତି ଆଜି ବିରଳ । ସେ କାଳିଦାସଙ୍କ 'ମେଘଦୂତ'ର ଉଦାହରଣ ଦେଇ ବର୍ଷାକୁ ଜଗତର ରାଣୀ ଭାବେ ଅଭିହିତ କରିଥିଲେ । ଛାତ୍ର ସଂସଦର ପ୍ରଥମ ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ରମାକାନ୍ତ ନାୟକ ଯୋଗଦେଇ 'କଦମ୍ବ'କୁ ଉଲ୍ଲାସ ଓ ଉଦ୍ଦୀପନାର ପ୍ରତୀକ ଭାବେ ଦର୍ଶାଇବା ସହ ପଠିତ କବିତାଗୁଡ଼ିକର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଚର୍ଚ୍ଚା କରିଥିଲେ । ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପାଣିଗ୍ରାହୀ ଏଭଳି ସୃଜନଶୀଳ ଆସର ମାନବୀୟ ସମ୍ପର୍କକୁ ଅଧିକ ଦୃଢ଼ କରେ ବୋଲି ମତବ୍ୟକ୍ତ କରିଥିଲେ । ?ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ନିମନ୍ତ୍ରିତ କବି ଓ ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ,ସଂସଦ ସାରା ବର୍ଷ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ, ବୃକ୍ଷରୋପଣ ଓ ଅନ୍ୟାନ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ 'କଦମ୍ବ ଫୁଟିଲା ସହୀ' ଭଳି ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠାନ ପାଇଁ ଏକ ନୂତନ ଫର୍ଦ୍ଦ ଯୋଡ଼ି ପାରିଛି ।କେବଳ ସେତିକି ନୁହେଁ , ଅନେକ ପ୍ରତିକୂଳ ପରିସ୍ଥିତି ସତ୍ୱେ ସଂସଦ ତାର ଗାରିମା ବଜାୟ ରଖିପାରିଛି ବୋଲି ସେ ପ୍ରକାଶ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଏହି ସାରସ୍ୱତ ଆସରରେ କବି ଅଭୟ ଦାସ, ଡ. ରମାକାନ୍ତ ନାୟକ, ମନସ୍ୱିନୀ ଦେବୀ, ଜ୍ୟୋସ୍ନା ରାଣୀ ରାୟ, ପ୍ରତିମା ପଣ୍ଡା, ପ୍ରବୀର କମିଳା, ପ୍ରୀତିଲେଖା ଦାସ, ଜୟନ୍ତ ହଂସରାଜ,ପୀତାମ୍ବର ଦାସ, ଦୀନବନ୍ଧୁ ଲେଙ୍କା, ଡ. ରାଧାରଞ୍ଜନ ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁଧାକର ସେଠୀ, ଅଜୟ କୁମାର ରାଉଳ,ସଂଗୀତା ରଥ ,ରଶ୍ମି ରଞ୍ଜନ ଦାସ ଓ କଲ୍ୟାଣୀ ନନ୍ଦ ପ୍ରମୁଖ ସ୍ୱରଚିତ ବର୍ଷା ଭିତିକ କବିତା ପାଠ କରିଥିଲେ ।କାର୍ଯ୍ୟକ୍ରମର ପରିଚାଳନାରେ ଶ୍ରୀ ରାମଚନ୍ଦ୍ର ସେଠୀ, ଦେବାଶିଷ ପାଣି, ଡ. ଶତ୍ରୁଘ୍ନ ମଲ୍ଲିକ, ପାର୍ଥସାରଥୀ ଆଶ, ପ୍ରଶାନ୍ତ ପାଢୀ ,ଯଶୋଦାନନ୍ଦନ ଆଶ, ଶରତ କୁମାର ମିଶ୍ର ଓ ହିମାଂଶୁ ଦାସ , ରଶ୍ମିରଞ୍ଜନ ଦାସ ,ଦିଲ୍ଲୀପ କୁମାର ପଣ୍ଡା ଶରତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଂସଦର ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସହଯୋଗ କାମନା କରିଥିଲେ ।





# ଲଗାତର ବନ୍ୟାରେ ଉବୁଟୁବୁ ଧାମନଗର: ଗ୍ରାମାଂଚଳ ଜଳବନ୍ଦୀ, ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଗଲା

ଧାମନଗର(ନିପ୍ର): ଲଗାତର ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ବନ୍ୟାଜଳ ଯୋଗୁଁ ଧାମନଗର ଅଂଚଳର ପରିସ୍ଥିତି ଅତ୍ୟନ୍ତ ସଂଗୀନ ହୋଇପଡ଼ିଛି । ବୈତରଣୀ, ଗେଙ୍ଗୁଟି ନଦୀରେ ପଂଚମ ଥର ଏବଂ ସାଳନ୍ଦୀ ନଦୀରେ କ୍ରମାଗତ ବନ୍ୟା ଆସିବା ଫଳରେ ସମଗ୍ର ଅଂଚଳ ଜଳମଗ୍ନ ହୋଇ ରହିଛି । ଗତ ଜୁଲାଇ ୨୮ ତାରିଖରେ ଆସିଥିବା ପ୍ରଥମ ବନ୍ୟାର ପାଣି ଚାଷ ଜମିରୁ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇନଥିବା ବେଳେ, ଅଗଷ୍ଟ ୧୪ ରେ ଚତୁର୍ଥ ଓ ୧୭ ତାରିଖରେ ଆସିଥିବା ପଂଚମ ବନ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଦେଇଛି । ଗତ ଏକ ସପ୍ତାହ ଧରି ଧୁଷୁରୀ, ହସନାବାଦ, ଅର୍ଜୁନପୁର, କାଶିମପୁର, ପଧାନି, ସୋହଡ଼ା, ରଇପୁର ଓ ପାଳସାହି ଅଂଚଳର ବିଭିନ୍ନ ଗାଁ ବାହ୍ୟ ଜଗତରୁ ବିଛିନ୍ନ ହୋଇ ଜଳବନ୍ଦୀ ଅବସ୍ଥାରେ



ରହିଛି । ଲଗାତର ଭାବେ ବନ୍ୟା ପାଣି ଜମି ରହିଥିବାରୁ ଏଥର ଧାନ ଫସଲ ହେବା ନେଇ ଚାଷୀଙ୍କ ଆଶା ମାଟିରେ ମିଶିଯାଇଛି । କୃଷି ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ, ବର୍ତମାନ ସୁଦ୍ଧା ପ୍ରାୟ ୬୮୬୭ ହେକ୍ଟର ଚାଷ ଜମିରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ସାରିଛି । ତେବେ ଅନେକ ଅଂଚଳରେ ଏବେ ବି ବନ୍ୟା ପାଣି ରହିଥିବାରୁ ପାଣି ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତିର ଚିତ୍ର ସ୍ପଷ୍ଟ ହେବବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ବୈତରଣୀ ନଦୀର ଉପରମୁଣ୍ଡରେ ଗତକାଲି ଓ ଆଜି ବର୍ଷା ହୋଇନଥିବାରୁ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ତେବେ ସନ୍ଧ୍ୟା ୭ଟା ସୁଦ୍ଧା ଆଖୁଆପଦା ଠାରେ ବୈତରଣୀ ନଦୀର ଜଳପତନ ୧୮.୮୧ ମିଟର ରହିଛି, ଯାହାକି ବିପଦ ସଂକେତ ୧୮.୩୩ ମିଟରଠାରୁ ଉପରେ । ଜଳସମ୍ପଦ ବିଭାଗର ସୂଚନା ଅନୁସାରେ, ତଳିଆ ଅଂଚଳରେ ଅଧିକ ପାଣି ଭରି ରହିଥିବାରୁ ନଦୀର ଜଳସ୍ତର କମିବାରେ କିଛିଟା ବିଳମ୍ବ ହେଉଛି । ଯଦି ଉପରମୁଣ୍ଡରେ ଅଧିକ ବର୍ଷା ନ ହୁଏ, ତେବେ ବୁଧବାର ସୁଦ୍ଧା ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି । ବନ୍ୟା ପାଣି ଯୋଗୁଁ ଅଂଚଳର ମୁଖ୍ୟ ରାସ୍ତାଘାଟ ବୁଡ଼ି ରହିଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଧମନଗର-ଫଳପୁର, ଧୁଷୁରୀ-ହସନାବାଦ, ଅର୍ଜୁନପୁର- ବାଲିପାଟଣା, ଦୋବଲ-ଖଡ଼ିପଦା, ଖଡ଼ିପଦା-ସୋହଡ଼ା ଏବଂ ଖଡ଼ିପଦା-ଆନନ୍ଦପୁର ମଧ୍ୟରେ ଯୋଗାଯୋଗ ବିଛିନ୍ନ ହୋଇଛି । କୋଠାର ରୁ ଧୁଷୁରୀ, ଧୁଷୁରୀରୁ ଆରଡ଼ି ଏବଂ କୋଠାର-ଅସୁରାଳି ରାସ୍ତାର ବିଭିନ୍ନ ସ୍ଥାନରେ ଜଳପ୍ରବାହ ହେତୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି । ଜଳବନ୍ଦୀ ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ବ୍ୟବସ୍ଥା କରାଯାଇଛି । ପ୍ରଭାବିତ ଅଂଚଳରେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଆଯାଉଛି । ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଭ୍ରାମ୍ୟମାଣ ୱାଟର ପ୍ୟାକେଜିଂ ୟୁନିଟ୍ ମାଧ୍ୟମରେ ପାଉଚ ବଂଟନ ଜାରି ରହିଛି । ଏଥର ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ଚାଉଳ ଯୋଗାଇ ଦିଆଯିବା ସହ ଐତିହାସିକ ନିଷ୍ପତି କ୍ରମେ ତଳା (ଧାନ ଗଜା/ବିହନ) ନଷ୍ଟ ହୋଇ ଥିବା ଚାଷୀଙ୍କୁ ମଧ୍ୟ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଧାନ ଚାଷ ପୂର୍ବରୁ ତଳା କ୍ଷତି ପାଇଁ ଏଭଳି ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତି ନିଆଯାଇଛି, ଯାହା ପ୍ରଭାବିତ ଚାଷୀକୂଳକୁ ବଡ଼ ଆଶ୍ୱାସନା ଦେଇଛି ।

# ପୁରୁଷୋତମ ସ୍ୱସ୍ତି ସେବା ସତ୍ସଙ୍ଗ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

କଟକ(ନିପ୍ର): ଭାରତ ମାତାର ଅଶୀତମ ପବିତ୍ର ସ୍ୱାଧୀନତା ଦିବସ ମେରିଆ ବଜାରସ୍ଥିତ ପୁରୁଷତମ ସ୍ୱସ୍ତି ସେବା ସତସଙ୍ଗ ଅନୁଷ୍ଠାନର ଆୟୋଜନରେ ପାଳିତ ହୋଇଯାଇଛି । ଦୀର୍ଘ ୨୬ବର୍ଷ ହେବ ଅନୁଷ୍ଠାନ ଏହି ଜାତୀୟ ପର୍ବ ପାଳନ କରିଆସୁଛି । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଦେଶର ଭବିଷ୍ୟତକୁ ଆଖି ଆଗରେ ରଖି ରାଷ୍ଟ୍ର ଗଠନ ଧାରାରେ ଯୁବପିଢ଼ିଙ୍କର ଭୂମିକା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ସଦ୍ଭାବନା, ଶାନ୍ତି, ମୈତ୍ରୀ ଓ ପ୍ରଦୂଷଣ ମୁକ୍ତ ଦେଶ ଗଠନରେ ସହାୟକ ହେବା ପାଇଁ ନିଜର ଚରିତ୍ର ଗଠନ ସହିତଯୁବସମାଜ କିପରି ମୁଖ୍ୟ ଭୂମିକା ଗ୍ରହଣ କରିବେ ସେ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଡକ୍ଟର ଅକ୍ଷୟ ମିଶ୍ର, ଆଇନଜୀବୀ ସୁରେଶ ପଣ୍ଡା, ପ୍ରଶାନ୍ତ କୁମାର ନାୟକ, ପ୍ରବୀର କୁମାର ମହାନ୍ତି, ଦେବବ୍ରତ ରାୟ, ପର୍ବିଣ ବରାଳ, ଚିନ୍ମୟୀ ପଟ୍ଟନାୟକ, କୈଳାସ ପାତ୍ର, ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ହୋଇ ସୁଚିନ୍ତିତ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ଦେବଦ୍ୟୁତି ସ୍ୱାଇଁ ଆଗାମୀ ଦିନରେ କାର୍ଯ୍ୟପନ୍ଥା ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଜୁଲି ଦାସ, ରମେଶ ସାହୁ, ସଙ୍ଗୀତା ସ୍ୱାଇଁ, ସୁଶାନ୍ତ କୁମାର ମହାରଣା, ବିଷ୍ଣୁ ପ୍ରିୟା ଶତପଥୀ, ଶୁଭକାନ୍ତ ମିଶ୍ର ଓ ଶକ୍ତିର ଉସ୍ତ ଯୁବ ସମାଜର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବନ୍ୟାଂଚଳ ପରିଦର୍ଶନ କଲେ ଜିଲ୍ଲାପାଳ



ବାଲିଆପାଳ(ନିପ୍ର): ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା ଜଳ ଛାଡି ନଥିବା ବେଳେ ପୁଣି ନଦୀର ବନ୍ୟା ଜଳ ବଢିବାରେ ଲାଗିଛି । ଯାହା ଫଳରେ ନଦୀରେ ବଡ଼ ବନ୍ୟା ସହିତ ଚାଷ ନଷ୍ଟ ହେବାର ଆଶଂକା କରାଯାଉଛି । ଏହି ସବୁକୁ ଦୃଷ୍ଟିରେ ରଖି ମଙ୍ଗଳବାର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟାଂଚଳ ପରିଦର୍ଶନ କରିବା ସହିତ ବନ୍ୟା ଜଳ ବଢ଼ିଲେ ଯେଉଁ ଯେଉଁ ଗ୍ରାମରେ ଡଙ୍ଗାର ଆବଶ୍ୟକତା ପଡିବ ସେହି ସେହି ସ୍ଥାନରେ ଡ଼ଙ୍ଗା ପକାଇବାକୁ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ବାଲିଆପାଳ ବ୍ଲକର ବନ୍ୟାଂଚଳ ପରିଦର୍ଶନ ସମୟରେ ବନ୍ୟାଂଚଳକୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ମେଡିକାଲ ଟିମ ଯାଇଛି କି ନାହଁ ବିଡ଼ିଓଙ୍କୁ ପଚାରି ବୁଝିଥିଲେ । ଏହି ବନ୍ୟାଂଚଳ ପରିଦର୍ଶନ ସମୟରେ ଜିଲ୍ଲାପାଳ ଙ୍କ ସହିତ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସ, ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରାସାଦ ମହାରଣା ଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଜଳ ଛାଡ଼ି ନଥିବା ବେଳେ ସୋମବାର ମଧ ରାତ୍ରୀ ରୁ ପୁଣି ବନ୍ୟା ଜଳ ବଢିବାରେ ଲାଗିଛି । ସୋମବାର ସଂଧ୍ୟାରେ ରାଜଘାଟ ଠାରେ ଜଳ ସ୍ତର ସତର୍କ ସୁଚନା ତଳେ ୮.୬୫ ମିଟରରେ ରହି ବନ୍ୟାଜଳ ପ୍ରବାହିତ ହେଉଥିଲା । ମାତ୍ର ମଧ ରାତ୍ରରୁ ଜଳ ସ୍ତର ଧିରେ ଧୀରେ ବଢ଼ି ମଙ୍ଗଳବାର ଦିନ ୧୨ଟା ସୁଦ୍ଧା ରାଜଘାଟ ଠାରେ ଜଳ ସ୍ତର ୯.୧୩ ମିଟରରେ ପହଂଚିଥିଲା । ଏବେ ବନ୍ୟା ଜଳ ବାଲିଆପାଳ ବ୍ଲକର ବିଷ୍ଣୁପୁର, ଜାମକୁଣ୍ଡା, ଅସ୍ତି, ନିଖିରା, କୁମ୍ଭାରୀ, ବାଲିଆପାଳ, ମଧୁପୁରା ଆଦି ପଂଚାୟତର ବହୁ ଗ୍ରାମରେ ପ୍ରବାହିତ ହେଉଛି । ଅଧିକ ବନ୍ୟା ପାଣି ଆସିଲେ ଆହୁରି ଅଧିକ ଗ୍ରାମକୁ ବନ୍ୟା ପାଣି କବଳିତ କରିବ ବୋଲି ଆକଳନ କରାଯାଇଛି । ଏଦିଗରେ ପ୍ରଶାସନ ପୁର ପ୍ରସ୍ତୁତ ଥିବା କଥା ବିଡିଓ ଶ୍ରୀ ଦାସ କହିଛନ୍ତି ।

# ବରିଷ୍ଠ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ: ୫ ଗିରଫ



ଜଳେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଓକିଲକୁ ମାରାନ୍ତକ ଆକ୍ରମଣ ଘଟଣାରେ ୫ଜଣ କୁଖ୍ୟାତ ସୁପାରୀ କିଲରକୁ ଗିରଫ କରି କୋର୍ଟ ପଠାଇଲା ପୋଲିସ ମୁଖ୍ୟ ଆସାମୀ ସହିତ ୪ଜଣ ଫେରାର ଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ ଏସ.ପି ପରେଶ କୁମାର ରାଉତ । ସୂଚନା ଅନୁଯାୟୀ ଗତ ୧୦ତାରିଖ ଦିନ ସିଦ୍ଧାର୍ଥ ଦାସ ନାମକ ବରିଷ୍ଠ ଓକିଲ ଜଳେଶ୍ୱର କୋର୍ଟରୁ ଅପରାହ୍ନ ସମୟରେ ଘରକୁ ଫେରୁଥିଲା ବେଳେ ଏକ ବାଇକରେ ୩ଜଣ ଦୃବୃତ ଆସି ଧାରୁଆ ଅସ୍ତ୍ରରେ ମାରାନ୍ତକ ଆକ୍ରମଣ କରିଥିଲେ, ସିଦ୍ଧାର୍ଥର କାନ୍ଧ ଓ ହାତରେ ଗଭୀର କ୍ଷତ ହୋଇଥିଲା ବେଳେ ସେ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି, ତେବେ ଉକ୍ତ ଆକ୍ରମଣ ଘଟଣାରେ ୫ଜଣ ସୁପାରୀ କିଲରକୁ ପୋଲିସ ଆଜି ଗିରଫ କରି କୋର୍ଟ ପଠାଇ ଥିଲା ବେଳେ ସେମାନେ ଆକ୍ରମଣ ସମୟରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ଓ ଦୁଇଟି ବାଇକ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ ଏସ .ପି ପରେଶ କୁମାର ରାଉତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ବେଳେ ମୁଖ୍ୟ ଆସାମୀ ସହିତ ଆଉ ୩ ଜଣ ଫେରାର ଥିବା ବେଳେ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି, ଆକ୍ରମଣ ପାଇଁ ୫ଲକ୍ଷ ଟଙ୍କା ଡିଲ ହୋଇଥିଲା ବେଳେ ୧ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଏସ .ପି ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ଏସଡିପିଓ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ଜଳେଶ୍ୱର ଆଇ ଆଇ ସି ଅଶୋକ ବାରିକ ଉପସ୍ଥିତ ରହିଥିଲେ ।

# ୮୦ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ

ଜଳେଶ୍ୱର(ନିପ୍ର): ବଡ଼ବଜାର ସ୍ଥିତ ଜଳେଶ୍ୱର ମହୋତ୍ସବ କମିଟି ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ପବିତ୍ର ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପବିତ୍ର ଜାତୀୟ ପତାକା ଉତୋଳନ କରିଥିଲେ ୨୦୨୬ ର ସଭାପତି ସମୀର କୁମାର ପାତ୍ର ଏବଂ ଆୟୋଜିତ ସଭାର ସଭାପତିତ୍ୱ କରିଥିଲେ । କାର୍ଯ୍ୟ କାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରାକ୍ତନ ସଭାପତି ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ପ୍ରାକ୍ତନ ସଭାପତି ସମାଜସେବୀ ଦିଲ୍ଲୀପ୍ କୁମାର ଗିରି, ପ୍ରାକ୍ତନ ସଭାପତି ତଥା ଦିଗାମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳନର ଆଭିମୁଖ୍ୟ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅସ ହଯୋଗ ଆନ୍ଦୋଳନ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟ ହିନ୍ଦ୍, ଦିଲ୍ଲୀ ଚଲୋ, ଡାକରା ଜୟ ରାଜଗୁରୁ, ବାଜି ରାଉତ, ଲକ୍ଷ୍ମଣ ନାୟକ ପ୍ରଭୃତି ଙ୍କ ପ୍ରାଣବଳି ରେ ସ୍ୱାଧୀନତା ପାଇ ପାରି ପାରିଛୁ । ଏ ଦିବସରେ ସଂଗ୍ରାମୀ ସହିଦଙ୍କୁ କୋଟି କୋଟି ପ୍ରଣାମ ବୋଲି କହିଥିଲେ । କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ ଓ ସମ୍ପାଦକ ସୁଶାନ୍ତ କୁମାର ଦାସ, ଅମିତାଭ ପାତ୍ର, ମଧୁସୂଦନ ଦତ, ଯୁଗ୍ମ ସମ୍ପାଦକ ଅଭିଜିତ କରଣ, ବଳରାମ ସାହୁ, ସମସ୍ତ ସଦସ୍ୟ ମାନଙ୍କ ସ୍ୱାଧୀନତାର ଗାଥା ଉପସ୍ଥାପନ କରିଥିଲେ ।

# ପୋଷଣ ଯୋଜନାରେ ଗଡ଼ବଡ଼ ଅଭିଯୋଗ, ତଦନ୍ତ ହେବ କେବେ ?

କୋରେଇ(ନିପ୍ର): ଯାଜପୁର ଜିଲ୍ଲା କୋରେଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବୈତରଣୀ ସରକାରୀ ନୋଡାଲ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ ଅନିୟମିତତା ହେଉଥିବା ନେଇ ଅଭିଭାବକ ମାନେ ସଙ୍ଗୀନ ଅଭିଯୋଗ ଆଣି ଥିଲେ । ମଧାହ୍ନ ଭୋଜନରେ ଅଣ୍ଡା ବଂଟନ, ଖାଦ୍ୟର ମାନ, ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଏବଂ ଖାଦ୍ୟ ସାମଗ୍ରୀର ହିସାବକୁ ନେଇ ଉଠିଥିବା ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଭାବକଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ଯେତିକି ସଂଖ୍ୟକ ଛାତ୍ରଛାତ୍ରୀ ବାସ୍ତବରେ ଉପସ୍ଥିତ ରହୁଛନ୍ତି ତା'ଠାରୁ ଅଧିକ ସଂଖ୍ୟା ଉପସ୍ଥିତି ରେଜିଷ୍ଟରରେ ଦର୍ଶାଯାଉଛି । ଏହା ଫଳରେ ଅଧିକ ପରିମାଣର ଚାଉଳ, ଡାଲି, ପନିପରିବା, ଅଣ୍ଡା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ହିସାବ ଦର୍ଶାଯାଇ ସରକାରୀ ଅର୍ଥରେ ଅନିୟମିତତା ହେଉଥିବା ନେଇ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି । କେବଳ ଉପସ୍ଥିତି ରେଜିଷ୍ଟର ନୁହେଁ, ମଧାହ୍ନ ଭୋଜନରେ ଅଣ୍ଡା ବଂଟନ ଏବଂ ଖାଦ୍ୟର ଗୁଣବତାକୁ ନେଇ ମଧ ଅଭିଭାବକମାନେ ପ୍ରଶ୍ନ ଉଠାଇଥିଲେ । ଯୋଜନାର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ହୋଇଥିବା ବେଳେ, ଯଦି ଖାଦ୍ୟର ମାନ କିମ୍ବା ନିର୍ଦ୍ଧାରିତ ଖାଦ୍ୟ ସାମଗ୍ରୀ ବଂଟନରେ ଅନିୟମିତତା ହୋଇଥାଏ ତେବେ ଏହା ଯୋଜନାର ମୂଳ ଉଦ୍ଦେଶ୍ୟକୁ ପ୍ରଭାବିତ କରିବ ବୋଲି ଅଭିଭାବକମାନେ କହିଛନ୍ତି । ଏହି ଅଭିଯୋଗକୁ ନେଇ ଅଭିଭାବକ ସନାତନ ପଣ୍ଡା ବିଦ୍ୟାଳୟରେ ମଧାହ୍ନ ଭୋଜନ ସମ୍ପର୍କିତ କିଛି ଦୃଶ୍ୟର ଭିଡିଓ ଉତୋଳନ କରି ସାର୍ବଜନୀନ କରିଥିବା ଜଣାପଡ଼ିଛି । ଭିଡିଓ ପ୍ରସାରିତ ହେବା ପରେ ଘଟଣାଟି ଅଧିକ ଚର୍ଚ୍ଚାକୁ ଆସିଛି । ତେବେ ଭିଡିଓରେ ଦେଖାଯାଇଥିବା ଦୃଶ୍ୟ ଓ ଉଠିଥିବା ଅଭିଯୋଗର ସତ୍ୟତା ସରକାରୀ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ । ସରକାରୀ ନିୟମ ଅନୁଯାୟୀ, ଯୋଜନା ଅଧୀନରେ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ମାନ ଅନୁସାରେ ରନ୍ଧା ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ରହିଛି । ଅଣ୍ଡା ସମେତ ନିର୍ଦ୍ଧାରିତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ଖାଦ୍ୟ ସାମଗ୍ରୀର ଷ୍ଟକ୍, ଉପସ୍ଥିତି ଏବଂ ବଂଟନ ସମ୍ପର୍କିତ ରେକର୍ଡ ସଠିକ୍ ଭାବେ ସଂରକ୍ଷଣ କରିବା ମଧ ଆବଶ୍ୟକ । ଏପରି ସ୍ଥିତିରେ ବିଦ୍ୟାଳୟର ଉପସ୍ଥିତି ରେଜିଷ୍ଟର, ଷ୍ଟକ୍ ରେଜିଷ୍ଟର, ଖାଦ୍ୟ ସାମଗ୍ରୀ କ୍ରୟ ବିଲ୍, ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀର ବଂଟନ ରେକର୍ଡ ଏବଂ ଯୋଜନାରେ ହୋଇଥିବା ଖର୍ଚ୍ଚର ଯାଂଚ କରାଗଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ । ତେଣୁ ଏହି ସମସ୍ତ କାଗଜପତ୍ର ଯାଂଚ କରି ନିରପେକ୍ଷ ତଦନ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ, ଏହି ଘଟଣା ସମ୍ପର୍କରେ ଆମ ପ୍ରତିନିଧି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେଇଥିଲେ । ପ୍ରଧାନ ଶିକ୍ଷକ କିଛି ତ୍ରୁଟି ଘଟିଥିବା କଥା ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି ତ୍ରୁଟିର ପୁନରାବୃତି ନହେବା ନେଇ ଆଶ୍ୱାସନ ଦେଇଥିବା ଜଣା ପଡ଼ିଛି । ତେବେ ଅଭିଯୋଗ ସାମ୍ନାକୁ ଆସିବା ପରେ କୋରେଇ ଶିକ୍ଷା ମଣ୍ଡଳ ପକ୍ଷରୁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି, ତାହାକୁ ନେଇ ପ୍ରଶ୍ନ ଉଠିଛି । ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ହୋଇଛି କି ନାହିଁ ତଦନ୍ତ ଯଦି ହୋଇଛି ରିପୋର୍ଟ କ'ଣ ଆସିଛି ଏବଂ ଅନିୟମିତତା ମିଳିଥିଲେ କାହା ବିରୋଧରେ କି ପଦକ୍ଷେପ ନିଆଯାଇଛି ଏସବୁ ପ୍ରଶ୍ନର ଉତର ଏବେ ଅଭିଭାବକ ଓ ସ୍ଥାନୀୟ ଲୋକେ ଖୋଜୁଛନ୍ତି । ଅଭିଭାବକ ମାନଙ୍କ ଦାବି ଏହା କେବଳ ଏକ ବିଦ୍ୟାଳୟର ମଧାହ୍ନ ଭୋଜନ ସମ୍ପର୍କିତ ପ୍ରସଙ୍ଗ ନୁହେଁ । ଏହା ସିଧାସଳଖ ଭାବେ ଛାତ୍ରଛାତ୍ରୀଙ୍କ ପୁଷ୍ଟି ଓ ସରକାରୀ ଯୋଜନାର ସ୍ୱଛତା ସହ ଜଡ଼ିତ । ତେଣୁ ଅଭିଯୋଗର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଦୋଷ ପ୍ରମାଣିତ ହେଲେ ନିୟମ ଅନୁଯାୟୀ ଦୃଢ଼ ପ୍ରଶାସନିକ ଓ ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି । ଏବେ ସବୁଠାରୁ ବଡ଼ ପ୍ରଶ୍ନ ଅଭିଯୋଗର ତଦନ୍ତ କେବେ ହେବ । ଉପସ୍ଥିତି ରେଜିଷ୍ଟର ଓ ଷ୍ଟକ୍ ରେଜିଷ୍ଟର ଯାଂଚ ହେବ କେବେ ? ଖାଦ୍ୟ ସାମଗ୍ରୀ କ୍ରୟ ଓ ବଂଟନର ହିସାବ ଯାଂଚ ହେବ କେବେ ଏବଂ ଅନିୟମିତତା ପ୍ରମାଣିତ ହେଲେ ଦାୟୀଙ୍କ ବିରୋଧରେ କେବେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଅଭିଯୋଗ ଉପରେ ଶିକ୍ଷା ବିଭାଗ କେବେ ପଦକ୍ଷେପ ନେଉଛି ଏବଂ ତଦନ୍ତରେ କ'ଣ ସତ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ଜିଲ୍ଲା ଜନସମ୍ପର୍କ କାର୍ଯ୍ୟକ୍ରମ ଓଡ଼ିଶା ଆୟୋଜିତ

ନୟାଗଡ(ନିପ୍ର): ନୟାଗଡ଼ସ୍ଥିତଜିଲ୍ଲାପରିଷଦ ସୃଜନ କନଫରେନ୍ସ ହଲ୍ ଠାରେ "ଜିଲ୍ଲା ଜନ ସମ୍ପର୍କ କାର୍ଯ୍ୟକ୍ରମ ଓଡିଶା ର ପ୍ରତ୍ୟେକ ଜିଲ୍ଲା ରେ ନବସୃଜନ' ଆୟୋଜିତ ହୋଇ ଯାଇଅଛି । ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ, ଜିଲ୍ଲା ପରିଷଦ ଅଧକ୍ଷ ଙ୍ଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ରଥ, ଓଇଝ, ଷ୍ଟାର୍ଟ-ଅପ ଓଡିଶାର ସମୃତି ରଞ୍ଜନ ପ୍ରଧାନ, ଓଇଝ, ଙଇଝଗରର ଚେୟାରମ୍ୟାନ ଗୌରୀ ଶଙ୍କର ଦାସ ତଥା ଝରମକ୍ସରସ୍ପବକ୍ସଚ ଏରଭରକ୍ସବକ୍ଷ ସାତ୍ୱିକ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକାରୀ ଅଧିକାରୀ ଲଗ୍ନଜିତ ରାଉତ, ଙଇଝ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟ ଅପ ଓଡିଶା ପକ୍ଷରୁ ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ଓଡିଶା ଷ୍ଟାର୍ଟ ଅପ ପଲିସୀ ୨୦୧୬ ଅଧୀନରେ ଉପଲବ୍ଧ ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହିତ ଓଡ଼ିଶାରେ ନିର୍ମାଣ ଭିତ୍ତିକ ଷ୍ଟାର୍ଟଅପ୍‌ର ଭବିଷ୍ୟତ ବିକାଶ ଏବଂ ଉପଲବ୍ଧ ଇକୋସିଷ୍ଟମ୍ ସୁବିଧା ଉପରେ ପ୍ୟାନେଲ୍ ଆଲୋଚନା କରିଥିଲେ । ନୟାଗଡ଼ ଜିଲ୍ଲା ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା "ପର୍ଯ୍ୟଟନ ସଂକ୍ରାନ୍ତୀୟ ଷ୍ଟାର୍ଟଅପ' ବିଷୟରେ ଆଲୋଚନା ହୋଇଥିଲା । ଏହାସହିତ ଷ୍ଟାର୍ଟଅପ୍‌କୁ ମନସ୍ତତ୍ୱ ରୁ ନିବେଶ ପର୍ଯ୍ୟନ୍ତ ନେବା, ଷ୍ଟାର୍ଟଅପ୍‌କୁ ବ୍ୟାଙ୍କ ଋଣ ପାଇଁ ପ୍ରସ୍ତୁତ କରିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟର ଆର୍ଥିକ ତ୍ରୁଟି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । "ନୟାଗଡ ରେ ଉଦ୍ୟୋଗୀକରଣ ର ସୁଯୋଗ - ସ୍ଥାନୀୟ ସମ୍ପଦରୁ ଚିରନ୍ତନ ଓ ସ୍ଥାୟୀ ଉଦ୍ୟୋଗ" ଶୀର୍ଷକ ପ୍ୟାନେଲ୍ ଆଲୋଚନାରେ ଜିଲ୍ଲା ପ୍ରଶାସନ, କୃଷି, ଶିଳ୍ପ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ପ୍ରତିନିଧୀମାନେ ଯୋଗଦେଇ ନୟାଗଡ଼ର ସ୍ଥାନୀୟ ସମ୍ପଦ ଆଧାରିତ ସ୍ଥାୟୀ ଉଦ୍ୟୋଗ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ଉପରେ ମତବିନିମୟ କରିଥିଲେ । ଅଧିବେଶନରେ "ଚିନ୍ତନ ରୁ ଉଦ୍ୟୋଗୀକରଣ ର ପଥ' ବିଷୟରେ ବୈଷୟିକ ସେସନ୍ ଏବଂ ଓଡିଶା ସଂଗ୍ରହୀକରଣ ଅଗ୍ରାଧିକାର ପଲିସୀ ଉପରେ ଆଲୋଚନା କରାଯାଇଥିଲା । ଏହା ଷ୍ଟାର୍ଟଅପ୍‌ଗୁଡ଼ିକୁ ସରକାରୀ କ୍ରୟ ବ୍ୟବସ୍ଥାରେ ଉପଲବ୍ଧ ସୁଯୋଗ ସମ୍ପର୍କରେ ଅବଗତ କରିବାରେ ସହାୟକ ହୋଇଥିଲା । ଏହି ଜନ ସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ନୟାଗଡ଼ ଜିଲ୍ଲାର ଯୁବପିଢ଼ି ଓ ଉଦ୍ୟୋଗୀମାନଙ୍କୁ ଷ୍ଟାର୍ଟ ଅପ ସମ୍ବନ୍ଧୀୟ ସଚେତନତା, କ୍ଷମତା ବିକାଶ, ମାର୍ଗଦର୍ଶନ ଏବଂ ବିଭିନ୍ନ ସୁଯୋଗ ଓ ବଜାର ସହିତ ସଂଯୋଗ ପାଇଁ ଏକ ଉପଯୁକ୍ତ ମଂଚ ମିଳିଛି । ଜିଲ୍ଲାର ସ୍ଥାନୀୟ ସମ୍ପଦ, ପ୍ରତିଭା ଓ ନବସୃଜନକୁ ଆଧାର କରି ନୂଆ ଉଦ୍ୟମ ସୃଷ୍ଟି ଏବଂ ରୋଜଗାରର ସୁଯୋଗ ବୃଦ୍ଧି ଦିଗରେ ଏହି ପଦକ୍ଷେପ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ।

No. 34001/648/2627


WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-15/2026-27

1. Number of works - (01) Road (02) Electrical work
2. Approximate estimated cost: - 8.27 lakh to 31.70
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 20.08.2026 to 28.08.2026
5. Last Date / Time of receipt of bid in the portal :- Dt. 28.08.2026 up to 5.00 PM
6. Date of Opening of bid:- Dt. 29.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0013





# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ

ଜୟପୁର : (ହି.ସ.) – ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କଲେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି । ଜୟପୁର ବ୍ଲକ ଅନ୍ତର୍ଗତ ସଲପା, ରାଣିଗଡ଼, ବାଲିପୁଜାରିପୁଟ, ଜୟନ୍ତିଗିରି, ଜାମୁଣ୍ଡା ଏବଂ ବଡ଼ ଜିଉନାରେ ଲୋକାର୍ପଣ କରିଛନ୍ତି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱସ୍ତିକ ମହଲା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧରିତ୍ରୀ ମୁଦୁଲି, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସନ୍ତୋଷିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉକ୍ତ ଅଂଚଳ ସହ ଆଖ ପାଖ ଲୋକଙ୍କ ପାଇଁ ଗୁଣାତ୍ମକ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବାରେ ଏକ ଗୁରୁତ୍ୱପୁର୍ଣ୍ଣ ସୁଯୋଗ ସୃଷ୍ଟି କରିବ । ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଗ୍ରାମାଂଚଳର ଲୋକଙ୍କୁ ଦୂରସ୍ଥ ହସ୍ପିଟାଲ କିମ୍ବା ସହରକୁ ଯିବାର ଆବଶ୍ୟକତା ଯେ କମିବ ସେଥିପାଇଁ ଏଭଳି ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଅତ୍ୟନ୍ତ ଆବଶ୍ୟକ ବୋଲି ବିଧାୟକ ବାହିନିପତି ଗୁରୁତ୍ୱାରୋପ କରିଥିଲେ । ସ୍ୱାସ୍ଥ୍ୟ ସେବା ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଆବଶ୍ୟକତା । ଗ୍ରାମାଂଚଳର ଲୋକଙ୍କୁ ନିଜ ଅଂଚଳରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଦେବା ଆମର ପ୍ରାଥମିକତା । ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପ୍ରାଥମିକ ଚିକିତ୍ସା, ସ୍ୱାସ୍ଥ୍ୟ ପରାମର୍ଶ, ରୋଗ ନିରାକରଣ ଓ ସଚେତତନା ଭଳି ମୌଳିକ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟତର କରାଇବାରେ ଏହି କେନ୍ଦ୍ରର ଭୂମିକା ଗୁରୁତ୍ୱପୁର୍ଣ୍ଣ ହେବ ବୋଲି ବିଧାୟକ ବାହିନିପତି ସୂଚନା ଦେଇଥିଲେ ।

# ନୂଆପଡା ଜଡ଼ାମୁଣ୍ଡା ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଜଡ଼ାମୁଣ୍ଡା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାସ, କୋମନା ବିଡିଓ ପବିତ୍ର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ସରପଂଚ ପ୍ରେମଶିଳା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ଉପଲବ୍ଧ ସୁବିଧା ଓ ଏହାର ଲାଭ ଉଠାଇବାର ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯାଇଥିଲା । ବିଶେଷକରି ପ୍ରବାସୀ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ କାମ କରିବା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା, ଶ୍ରମିକଙ୍କ ଅଧିକାର ଏବଂ ସ୍ଥାନୀୟ ଅଂଚଳରେ ଉପଲବ୍ଧ ଜୀବିକା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ମାନସୀ ରାଉତଙ୍କୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିଶୁର ପିତାମାତାଙ୍କୁ ଉପହାର ଓ ବୃକ୍ଷଚାରା ପ୍ରଦାନ କରିଥିଲେ । ସେହିପରି ୩ ଜଣ ଗର୍ଭବତୀ ମହିଳାଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ବଂଟନ କରାଯାଇଥିଲା । ଉଦବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ ଯେ, ଜୀବିକା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ପ୍ରବାସ କରୁଥିବା ଶ୍ରମିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ବିଭିନ୍ନ ସୁବିଧା ଓ ଯୋଜନାର ସୁଯୋଗ ନେଇ ନିଜ ଅଂଚଳରେ ରହି ଜୀବିକା ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ । ଭିବି-ଜି ରାମ୍-ଜି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଂଚଳର ପରିବାରଗୁଡ଼ିକ ନିଜ ଅଂଚଳରେ କାମ କରି ଆୟ ବୃଦ୍ଧି କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ । ଜିଲ୍ଲାପାଳ ଜଡ଼ାମୁଣ୍ଡା ଗ୍ରାମ ପଂଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକମୁକ୍ତ ପଂଚାୟତ ଭାବେ ଗଢ଼ି ତୋଳିବା ପାଇଁ ସରପଂଚଙ୍କୁ ଆହ୍ୱାନ କରିଥିଲେ । ଏଥିସହ ସରକାରୀ ଯୋଜନାଗୁଡ଼ିକର ସଠିକ୍ ଓ ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ୧୦୦ ଜଣ 'ମହା ଲକ୍ଷ୍ମୀ ଦିଦି' ସୃଷ୍ଟି କରିବା ଦିଗରେ ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଓ ସାମଗ୍ରୀ ବଂଟନ କରାଯାଇଥିଲା । ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଗବାନ ମାଝୀ ଓ ନେମିଚନ୍ଦ ଅହୀରଙ୍କୁ 'ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ 'ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପକ୍ଷୀମାନଙ୍କ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ବର୍ଷାରେ ଭଙ୍ଗା ଘରେ ବଢୁଛି ଲୋକଙ୍କ ଦୁର୍ଦ୍ଦଶା

ନୂଆପଡ଼ା : (ହି.ସ.) - ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ଅଂଚଳରେ ବହୁ ଗରିବ ଓ ନିରୀହ ପରିବାରଙ୍କ ଘର ଭାଙ୍ଗିଯାଇଛି । ବର୍ଷାଜନିତ କ୍ଷୟକ୍ଷତି ପରେ ପ୍ରଶାସନ ପକ୍ଷରୁ ପୋଲିଥିନ ଯୋଗାଣର ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ଆବଶ୍ୟକ ପରିବାରଙ୍କ ମଧ୍ୟରେ ବଂଟନ ହୋଇନଥିବା ଅଭିଯୋଗ ହୋଇଛି । ଫଳରେ ଭଙ୍ଗା ଘରେ ରହୁଥିବା ପରିବାର ଗୁଡ଼ିକ ପୁଣି ବର୍ଷା ହେଲେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଘରର ଛାତ ଓ କାନ୍ଥ ନଷ୍ଟ ହୋଇଥିବାରୁ ବର୍ଷା ପାଣି ଘର ଭିତରକୁ ପଶୁଛି । ଫଳରେ ଲୋକେ ନିଜକୁ ଓ ଘରର ଆସବାବପତ୍ର ସମେତ ଆବଶ୍ୟକ ସାମଗ୍ରୀକୁ ବର୍ଷାରୁ ସୁରକ୍ଷିତ ରଖିବାରେ ନାନା ସମସ୍ୟା ଭୋଗୁଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ପୋଲିଥିନ ଯୋଗାଣ ହୋଇଥିଲେ ମଧ୍ୟ ବଂଟନରେ ବିଳମ୍ବ ହେବାକୁ ନେଇ କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ଷାଜନିତ କ୍ଷୟକ୍ଷତିରେ ପୀଡ଼ିତ ପରିବାରଙ୍କୁ ତୁରନ୍ତ ପୋଲିଥିନ ବଂଟନ କରିବା ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଖଡ଼ିଆଳ ରାଜସ୍ୱ ବିଭାଗ ନିକଟରେ ଦାବି ହୋଇଛି । ଏନେଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖରଙ୍କୁ ପଚାରିବାରୁ ପ୍ରକୃତରେ ଘର ଭାଙ୍ଗିଥିବା ବ୍ୟକ୍ତିମାନଙ୍କୁ ଜରି ପ୍ରଦାନ କରାଯାଇଛି । ଯଦି ଏଭଳି କୌଣସି ଘଟଣା ରହିଥାଏ, ତେବେ ତାଙ୍କୁ ଅବଗତ କରାଇଲେ ଆବଶ୍ୟକ ଜରି ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

# ମରଣଯନ୍ତା ପାଲଟିଛି ଚମ୍ପୁଆ ଜାତୀୟ ରାଜପଥ : ମରାମତି ନାମରେ ମାଟି ଫିଲିଙ୍ଗକୁ ନେଇ ଜନଅସନ୍ତୋଷ

ଚମ୍ପୁଆ : (ହି.ସ.) ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ସାଜିଛି ମରଣ ଯନ୍ତା । ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଭାଙ୍ଗି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ, ପ୍ରଶାସନର ବିଚିତ୍ର କାର୍ଯ୍ୟଶୈଳୀ ଏବେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ରାସ୍ତା ମରାମତି ପାଇଁ ସ୍ଥାୟୀ ପ୍ରତିକାର କରିବା ବଦଳରେ ଖାଲ ଗୁଡ଼ିକରେ ମୋରମ ମାଟି ପକାଇ ପ୍ରଶାସନ ନିଜ ଦାୟିତ୍ୱ ସାରି ଦେଇଛି । ଫଳରେ ସାମାନ୍ୟ ବର୍ଷାରେ ସମ୍ପୂର୍ଣ୍ଣ ରାସ୍ତା କାଦୁଅମୟ ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଚମ୍ପୁଆ ମୁଖ୍ୟ ବଜାର, ବସ ଷ୍ଟାଣ୍ଡ ସମ୍ମୁଖ ଏବଂ ବୈତରଣୀ ପୋଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ରାସ୍ତାର ଖାଲଖମା ପୂରଣ କରିବାକୁ ଯାଇ ପ୍ରଶାସନ ପକ୍ଷରୁ ମାଟି ବିଛାଯାଇଛି । ବର୍ତମାନ ଏହି ସବୁ ସ୍ଥାନ ଏଭଳି କାଦୁଅ ହୋଇଛି ଯେ, ସେଠାରେ ଖାଲି ପାଦରେ ଚାଲିବା ମଧ୍ୟ ଅସମ୍ଭବ ହୋଇ ପଡ଼ିଛି । ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଓ ଭାରୀଯାନ ଚଳାଚଳ କରିଥାଏ । କାଦୁଅ ଯୋଗୁଁ ଗାଡ଼ି ଗୁଡ଼ିକ ଖସିବା ସହ ରାସ୍ତା ମଝିରେ ଫସି ରହୁଛନ୍ତି, ଯାହାଫଳରେ ଘଂଟା ଘଂଟା ଧରି ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଛି । ଏହା ଦ୍ୱାରା ସ୍କୁଲ କଲେଜ ପିଲା, ଆମ୍ବୁଲାନ୍ସ ଏବଂ ସାଧାରଣ ପଥଚାରୀ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାର ଭୟ ସବୁବେଳେ ଲାଗି ରହିଛି । ଜାତୀୟ ରାଜପଥରେ ମାଟି ପକାଇବା ଭଳି ଅବିବେକୀ କାର୍ଯ୍ୟ କାହାର ? ଚମ୍ପୁଆ ଉପଜିଲ୍ଲାପାଳଙ୍କର ନା ଚମ୍ପୁଆ ଏନଏସି ଅଧିକାରୀଙ୍କର ? ନା ଚମ୍ପୁଆ ପିଡବ୍ଲ୍ୟୁଡି ବିଭାଗର ? କାହା ନିର୍ଦ୍ଦେଶରେ ହୋଇଛି ଏ କାର୍ଯ୍ୟ ? ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ, ସରକାର ବଦଳି ଯିବା ପରେ ଯେପରି ସମସ୍ତ କ୍ଷେତ୍ରରେ ରଙ୍ଗ ମଧ୍ୟ ବଦଳି ଯାଏ ସେହିପରି ଜାତୀୟ ରାଜପଥର ଏଭଳି ଦୟନୀୟ ସ୍ଥିତି ଏବଂ ମରାମତି ନାମରେ ପ୍ରଶାସନର ଏହି ଗେରୁଆ ନୀତିକୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଓ ଆଲୋଚନା ଚାଲିଛି । ଏ ସମ୍ପର୍କରେ ଚମ୍ପୁଆ ଏନଏସି ଅଧିକାରୀଙ୍କୁ ପଚାରିବାରୁ ଏହା ଚମ୍ପୁଆ ପିଡବ୍ଲ୍ୟୁଡ଼ି ର କାମ କହିଥିବା ବେଳେ ପିଡବ୍ଲ୍ୟୁଡ଼ି କର୍ତୃପକ୍ଷ ଏହା କରି ନ ଥିବା କହିଛନ୍ତି । ତେବେ ରାସ୍ତାରେ ମାଟି ପକାଇଲା କିଏ ? ଯାହାକୁ ନେଇ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ, ତୁରନ୍ତ ରାସ୍ତାରୁ କାଦୁଅ ସଫା କରି ପିଚୁ କିମ୍ବା ମେଟାଲିଂ ଦ୍ୱାରା ସଠିକ୍ ମରାମତି କରିବାକୁ ଦାବି ହୋଇଛି ।

# ଆଖୁଆପଦାରେ ବିପଦ ସଂକେତ ଉପରେ ବୈତରଣୀ

ଭଦ୍ରକ : (ହି.ସ.)- ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଫୁଲୁଛି ବୈତରଣୀ । ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ଆଖୁଆପଦା ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବୈତରଣୀ । ଏଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ସୋମବାର ଦିନ୧୨ଟା ସୁଦ୍ଧା ୧୮.୬୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି । ଅନ୍ୟପକ୍ଷରେ ତୁହାକୁ ତୁହା ବର୍ଷା ଯୋଗୁଁ ନଦୀର ଜଳ ସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ବଲାଙ୍ଗୀର :(ହି.ସ.) – ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପୁଇଁନ୍ତଲା ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣୀ ଶିବିରରେ ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର ଉପସ୍ଥିତ ରହି ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା; ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବାବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୁଇଁନ୍ତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବର୍ଷାଋତୁ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ : (ହି.ସ.)- ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷାରେ ଭିଜିଲେ ଅଶୁଦ୍ଧ ଜଳ ପାନ କଲେ ଥଣ୍ଡା, ସର୍ଦ୍ଦି, ଆଖି ଧରା, କୃମି ଆଦି ରୋଗ ହେବ । ମାଛି ବସା ଖାଦ୍ୟ ଓ ଗୋଳିଆ ପାଣି ପିଇଲେ, ଅତିସାର, ପ୍ରବାହିକା, ଟାଇଫୋଏଡ ରୋଗ ହେବ । ମଶା କାମୁଡ଼ିଲେ ଶ୍ଳୀପଦ, ମ୍ୟାଲେରିଆ, ଡେ଼ଙ୍ଗୁ ଆଦି ମଶା ଜନ୍ୟ ରୋଗ ହେବ । ଅନ୍ଧାରରେ ବୁଲିଲେ ବିଛା, ସର୍ପ କାମୁଡ଼ିବେ ଏଥିରୁ ରକ୍ଷା ପାଇବା ପାଇଁ ଏହି ସବୁ କାରଣ ଠାରୁ ଦୁରେଇ ରୁହନ୍ତୁ, ଗରମ ପାଣି ଓ ଖାଦ୍ୟ ଖାଆନ୍ତୁ, ସୋରିଷ ତେଲ ଦେହ ଓ ଆଙ୍ଗୁଠି ସନ୍ଧିରେ ଲଗାନ୍ତୁ । ଅଦା, ତୁଲସୀ, ରସୁଣ, କଳାଜିରା ଓ ଗୁଳୁଚି ରସ ସେବନ କରନ୍ତୁ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୋଇଥାଏ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣକୁ ହତ୍ୟା, ଜଣେ ଗୁରୁତର

ଜୟପୁର : (ହି.ସ.)- ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ । ବୋରିଗୁମ୍ମା ବ୍ଲକ କାମତା ଗାଁ ରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା । ସୂଚନା ଅନୁଯାୟୀ, ସୋନୁ ଯାନୀ ନାମକ ବ୍ୟକ୍ତି ନିଜ ଘରେ ଘୁଷୁରୀ ପାଳୁଥିଲେ । ପ୍ରତିଦିନ ସେହି ଘୁଷୁରୀ ପଡିଶା ଘରେ ରହୁଥିବା ରଘୁନାଥ କମାରଙ୍କ ଘରକୁ ଯାଇ ଅଳିଆ ଆବର୍ଜନା କରୁଥିଲା ସେ ନେଇ ବାରମ୍ବାର ସୋନୁ ଯାନୀଙ୍କୁ ତାଗିତ କରୁଥିଲେ ରଘୁନାଥ । ଉତ୍ୟକ୍ତ ହୋଇ ସୋନୁ ପୂର୍ବରୁ ବାପା ରଘୁନାଥ ଏବଂ ପୁଅ ଜଗବନ୍ଧୁଙ୍କୁ ଆକ୍ରମଣ କରି ଜେଲ ଯାଇଥିଲା । ଜେଲ୍ ରୁ ଫେରିବା ପରେ ପ୍ରତିଶୋଧ ପରାୟଣ ହୋଇ କିଭଳି ପ୍ରତିଶୋଧ ନେବ ଅପେକ୍ଷାରେ ଥିଲା ସୋନୁ । ଗତକାଲି ବିଳମ୍ବିତ ରାତିରେ ବଚସା ହୋଇ କ୍ରୋଧିତ ହୋଇ ସୋନୁ ଯାନୀ ପ୍ରଥମେ ଏକ ଧାରୁଆ ଅସ୍ତ୍ରରେ ପୁଅ ଜଗବନ୍ଧୁଙ୍କୁ ପେଟରେ ଆକ୍ରମଣ କରି ପରେ ବାପାଙ୍କୁ ଆକ୍ରମଣ କରିଥିଲା ପୁଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମେଡ଼ିକାଲ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ବାପା ଜଗବନ୍ଧୁ ଭାଗ୍ୟ ବଶତଃ ଅଳ୍ପକେ ବର୍ତି ଗଲେ ତଥାପି ଅଳ୍ପ ଆଘାତ ହୋଇଛି । ସେପଟେ ସୋନୁ ଯାନୀ ଦୌଡ଼ି ପଳେଇ ଯିବା ସମୟରେ ତଳେ ପଡି ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ହତ୍ୟାକାରୀକୁ ପୋଲିସ ମେଡ଼ିକାଲରେ ଭର୍ତି କରି ଚିକିତ୍ସା କରାଉଛନ୍ତି । ବି.ସିଂପୁର ପୋଲିସ ଘଟଣାସ୍ଥଳରେ ପହଂଚି ଭୁଜାଲୀ ଜବତ କରିଛି । ସାଇଂଟିଫିକ୍ ଟିମ୍ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣାରେ ଜଗବନ୍ଧୁ କମାରଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ରଘୁନାଥ କମାର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ପୂର୍ବରୁ ଅଭିଯୁକ୍ତ ଏବଂ ରଘୁନାଥ କମାରଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ସେହି ଘଟଣାରେ ଅଭିଯୁକ୍ତ ଧାରା ୩୦୭ ମାମଲାରେ ଜେଲ ମଧ୍ୟ ଯାଇଥିଲା । ଜେଲରୁ ଫେରିବାର କିଛି ମାସ ପରେ ଗତ ରାତିରେ ଜଗବନ୍ଧୁ କମାର ଓ ତାଙ୍କ ବାପା ରଘୁନାଥ କମାରଙ୍କ ଉପରେ ମାରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଜଗବନ୍ଧୁ କମାର ଓ ତାଙ୍କ ବାପା ରଘୁନାଥ କୋମାର ଗୁରୁତର ଆହତ ହୋଇଥିଲେ । ଘଟଣା ପରେ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । କିନ୍ତୁ ଜଗବନ୍ଧୁକୁ ବୋରିଗୁମ୍ମା ମେଡିକାଲରେ ମୃତ ଘୋଷଣା କରାଯାଇଥିଲା । ଅନ୍ୟପଟେ ଆହତ ରଘୁନାଥ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ ଅଭିଯୁକ୍ତ ସୋନୁ ଜାନି ମଧ୍ୟ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ଅଭିଯୁକ୍ତକୁ କଠୋର ଦଣ୍ଡ ସହ ଫାଶୀ ଦଣ୍ଡ ଦେବାକୁ ମୃତକଙ୍କ ପରିବାର ଦାବି କରିଛନ୍ତି ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି : (ହି.ସ.)- କାଲିମେଳା ଗୋପବନ୍ଧୁ ଆଂଚଳିକ ମହାବିଦ୍ୟାଳୟରେ ଆଜି କାଲିମେଳା ଥାନା ପକ୍ଷରୁ ସାଇବର ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନାଧିକାରୀ ପ୍ରଭୁଦତ ବିଶ୍ୱାଳ ଅଧ୍ୟକ୍ଷତା କରି ଛାତ୍ର ଛାତ୍ରୀଙ୍କୁ ସାଇବର ଅପରାଧୀଙ୍କ ଠାରୁ ଦୂରେଇ ରହିବା ଏବଂ ନିଜେ କିପରି ସୁରକ୍ଷିତ ରହିବା, ସେ ସମ୍ପର୍କରେ ବୁଝାଇଥିଲେ । ବିଶେଷକରି ଇଂଟରନେଟ୍ ବ୍ୟବହାର ସମୟରେ କେଉଁ ସବୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ, ଅଜଣା ଲିଙ୍କ୍ ଓ ବାର୍ତାରୁ କିପରି ଦୂରେଇ ରହିବା, ଅନ୍ଲାଇନ୍ ଠକେଇକୁ କିପରି ଚିହ୍ନଟ କରିବା, ନିଜ ବ୍ୟକ୍ତିଗତ ତଥ୍ୟ ଓ ପାସୱାର୍ଡକୁ କିପରି ସୁରକ୍ଷିତ ରଖିବା, ସେ ସମ୍ପର୍କରେ ଶ୍ରୀ ବିଶ୍ୱାଳ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ରାଜଘାଟ ଠାରେ ବିପଦ ସଂକେତ ଉପରେ ସାଳନ୍ଦୀ

ଭଦ୍ରକ : (ହି.ସ.)- ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀର ଜଳ ସ୍ତର ବୃଦ୍ଧି ପାଉଛି । ରାଜଘାଟ ଠାରେ ବିପଦ ସଂକେତ ୧୭.୦୦ ଫୁଟ ରହିଥିବା ବେଳେ ସୋମବାର ଦିନ ୧୨ଟା ସୁଦ୍ଧା ଜଳ ସ୍ତର ବୃଦ୍ଧି ପାଇ ୧୭.୫୦ ଫୁଟ୍ ରେ ପ୍ରବାହିତ ହେଉଛି । ଯାହାକି ଏଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସାଳନ୍ଦୀ ନଦୀ । ନଦୀର ଜଳ ସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି

# ବ୍ରାହ୍ମଣୀରେ ବନ୍ୟା, ପାଂଚ ପଂଚାୟତର ଛଅ ଗ୍ରାମ ପାଣିଘେରରେ

ଭୁବନ : (ହି.ସ.)- ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀରେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିବାରୁ ଢେ଼ଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ୫ ପଂଚାୟତର ୬ ଗ୍ରାମ ପାଣିଘେରରେ ରହିଛି । ବନ୍ୟା ପ୍ରଭାବିତ ଅଂଚଳରେ ଦୁର୍ଦ୍ଦଶା ଦୁଇଗୁଣିତ ହୋଇପଡ଼ିଛି । ଦୁଇ ଦିନ ହେଲା ୬ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି । ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବା ସହ ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରସିଦ୍ଧ ଶୈବପୀଠ ବୁଦ୍ଧେଶ୍ୱର ମନ୍ଦିର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଉଡ଼ିଆ ମାନେ ବହୁ ହିନସ୍ତା ହୋଇ ଦୀର୍ଘ ପଥ ଅତିକ୍ରମ କରି ମନ୍ଦିରରେ ପହଂଚି ଜଳଲାଗି କରିଥିଲେ । ଭୂଷଳ ପଂଚାୟତର ଜୟପୁର, ଯମୁନାକୋଟର କୃଷ୍ଣପୁର, ବାଲିବୋ ପଂଚାୟତର କୁମର୍ଦ୍ଧା ଓ ଅରିଲୋ, ସୁରପ୍ରତାପପୁର ପଂଚାୟତର ପାଟପୁର ଏବଂ ଗଡ଼ନୃସିଂହପ୍ରସାଦ ପଂଚାୟତର କାଶୀପୁର ଗ୍ରାମ ସମ୍ପୂର୍ଣ୍ଣ ବନ୍ୟାଜଳଘେରରେ ରହିଛି । ଲୋକମାନେ ଘରୁ ବାହାରିବାକୁ ଅସମର୍ଥ ହୋଇଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଡ଼ ମଧ୍ୟ ଚିନ୍ତାର କାରଣ ପାଲଟିଛି ।ମାଳପୁରା ଇନଟ୍ଵେକ୍ ରାସ୍ତା ବିପଦରେ ରହିଛି । ମାର୍ଥାପୁର ପଂଚାୟତର ମାଳପୁରା ଗାଁ ନିକଟରେ ଥିବା ଇନଟ୍ବେକ୍ ୱେଲ୍ କୁ ଯାଇଥିବା ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି । ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇ ପଡ଼ିଛି । ମଠକରଗୋଳା ନିକଟରେ ରାମିଆଳ ନଦୀ ଗର୍ଭରେ ଥିବା ଏକ ଫାର୍ମହାଉସ୍ ବନ୍ୟାଜଳଘେରରେ ରହିଥିବା ବେଳେ ସେଠାରେ ରହୁଥିବା ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଅଗ୍ନିଶମ ବାହିନୀ ବୋଟ୍ ଯୋଗେ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିଲା ।ଯମୁନାକୋଟ-ମାର୍ଥାପୁର ପୂର୍ତ ରାସ୍ତାରେ ଥିବା ନିଛା ପୋଲ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଏବେ ବନ୍ୟାଜଳ ହ୍ରାସ ପାଇବା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ସ୍ପଷ୍ଟ ହୋଇଛି । ମହିମା ସେତୁରୁ ଗୋବିନ୍ଦପୁର ମାଳବନ୍ଧ ଦେଇ ଯାଇଥିବା ରାସ୍ତାର ରତାସାହି ନିକଟରେ ପୂର୍ତ ରାସ୍ତା ଧସିପଡ଼ିଛି । ଅନ୍ୟପଟେ ଓଢଣା ଗ୍ରାମ ନିକଟରେ ମାଳବନ୍ଧ ଭାଙ୍ଗିଯାଇଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଆତଙ୍କ ବଢ଼ିଛି । ବନ୍ୟାର ପ୍ରଖର ସ୍ରୋତରେ ମାର୍ଥାପୁର ବ୍ରିଜ୍ କୁ ଯାଇଥିବା ରାସ୍ତା ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ମାଟି ଧୋଇଯିବା ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଫଳରେ ଯାତାୟାତ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି ।ବ୍ଲକର ବିଭିନ୍ନ ଗ୍ରାମରେ ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି । ଅନେକ ଦିନ ଧରି ପାଣିରେ ବୁଡ଼ି ରହିବାରୁ ଧାନ ଗଛ ପଚିବା ଆରମ୍ଭ ହୋଇଛି । ଚାଷୀମାନେ ଚାଷରେ ଖର୍ଚ୍ଚ କରିଥିବା ଟଙ୍କା ଫେରିପାଇବା ନେଇ ଚିନ୍ତାରେ ପଡ଼ିଛନ୍ତି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଦାବି ହୋଇଛି ।ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ଦେଖା ଦେଇଛି । ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ, ଲୋକଙ୍କୁ ଆବଶ୍ୟକ ସହାୟତା, ପଶୁଙ୍କ ପାଇଁ ଖାଦ୍ୟ ଏବଂ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ ଅଂଚଳବାସୀ ଦାବି କରିଛନ୍ତି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଲାଇଫ ଜ୍ୟାକେଟ ପିନ୍ଧି ବୋଟ ରେ ବିଭିନ୍ନ ବନ୍ୟାଚଂଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଜୟପୁର ଗ୍ରାମରେ ୧୨ କ୍ୱିଂଟାଲ ଗୋଖାଦ୍ୟ ଯୋଗାଇ ଦେଇଛନ୍ତି । ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ବନ୍ୟା ଯୋଗୁଁ ଭୁବନ ବ୍ଲକର ଅନେକ ଅଂଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରାସ୍ତା, ମାଳବନ୍ଧ, ପୋଲ ଓ ଚାଷଜମି ଜଳମଗ୍ନ ହୋଇଛି । ଯୁଦ୍ଧକାଳୀନ ଭିତିରେ ରିଲିଫ୍ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

# ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ସମୁଦାୟ ୨୫ଟି ଅଭିଯୋଗ ପତ୍ର ଗୃହୀତ

ମାଲକାନଗିରି : (ହି.ସ.)- ମାଲକାନଗିରି ବ୍ଲକ ଅନ୍ତର୍ଗତ ମାଟାପାକା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଓ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍., ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି । ଏହି ସମ୍ପୂର୍ଣ୍ଣ ଅଭିଯୋଗ ପ୍ରକ୍ରିୟାକୁ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ସୁଚାରୁରୂପେ ସଂଯୋଜନା ଓ ପରିଚାଳନା କରିଥିଲେ । ଅନୁଷ୍ଠିତ ଏହି ଶିବିରରେ ଗ୍ରାମବାସୀଙ୍କ ପକ୍ଷରୁ ସମୁଦାୟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୫ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ହୋଇଥିବା ବେଳେ ୨୦ଟି ସାମୂହିକ ବା ଗ୍ରାମ୍ୟ ସମସ୍ୟା ଭିତିକ ଅଭିଯୋଗ ଥିଲା । ଏହି ଶିବିରରେ ପ୍ରଶାସନ ପକ୍ଷରୁ ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ଏବଂ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ପ୍ରତ୍ୟେକ ଅଭିଯୋଗର ତଦନ୍ତ କରି ସମସ୍ତ ୨୫ଟି ଯାକ ସମସ୍ୟାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯଥାଶୀଘ୍ର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଶାସନକୁ ସାଧାରଣ ଲୋକଙ୍କ ନିକଟତର କରିବା ଏବଂ ତୃଣମୂଳ ସ୍ତରରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଏଭଳି ପଂଚାୟତ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ବେଶ୍ ସହାୟକ ହେଉଛି । ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତିର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଲାଇନ ଡିପାର୍ଟମେଂଟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ସଶକ୍ତ ଏମଏସଏମଇ, ଦ୍ରୁତ ବିକାଶ : ସଂସ୍କାରର ନୂଆ ପର୍ଯ୍ୟାୟ

୧. ସଂସଦର ଉଭୟ ଗୃହ ଦ୍ୱାରା ସମ୍ପ୍ରତି ଗୃହୀତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଂକେତ ପ୍ରଦାନ କରେ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି । ଗତ କିଛି ବର୍ଷ ମଧ୍ୟରେ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଅଭିବୃଦ୍ଧିର ନୂତନ ଶିଖର ଛୁଇଁଛି । ଆଜି, 'ଉଦ୍ୟମ ପଞ୍ଜୀକରଣ ପୋର୍ଟାଲ୍'ରେ ନଅ କୋଟିରୁ ଅଧିକ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛନ୍ତି, ଯାହା ୪୦ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଆମ ଅର୍ଥନୀତିରେ ୩୧% ଏବଂ ରପ୍ତାନିରେ ୫୦% ଅବଦାନକୁ ପ୍ରତିନିଧିତ୍ୱ କରେ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବାରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ହେଉଛି ଭାରତର ଅଭିବୃଦ୍ଧିର ବାହକ । ଏହି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ପ୍ରଗତି ଦେଖିଛି, ଯାହା 'ଉଦ୍ୟମ'ରେ ପଞ୍ଜୀକୃତ ଉଦ୍ୟୋଗ ସଂଖ୍ୟାରୁ ସ୍ପଷ୍ଟ ଏବଂ ତାହା ୧ ଏପ୍ରିଲ, ୨୦୨୩ରେ ୧.୬୫ କୋଟିରୁ ବୃଦ୍ଧି ପାଇ ନଅ କୋଟିରୁ ଅଧିକ ହୋଇଛି । ୨. ୨୦୨୦ ମସିହାରେ, ଉତ୍ପାଦନ ଏବଂ ସେବା କ୍ଷେତ୍ର ମଧ୍ୟରେ ପାର୍ଥକ୍ୟକୁ ଦୂର କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ବର୍ଗୀକରଣକୁ ଅଧିକ ବ୍ୟାପକ ଏବଂ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଉଦ୍ଦେଶ୍ୟରେ ଟର୍ଣ୍ଣଓଭର ଏବଂ ନିବେଶ ଉଭୟ ଉପରେ ଆଧାରିତ ଏକ ମିଶ୍ରିତ ମାନଦଣ୍ଡ ବିକଶିତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ୨୦୨୫ ମସିହାରେ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ନିବେଶ ସୀମାକୁ ଅଢ଼େଇ ଗୁଣ ବୃଦ୍ଧି କରି ଯଥାକ୍ରମେ ୨.୫ କୋଟି ଟଙ୍କା, ୨୫ କୋଟି ଟଙ୍କା ଏବଂ ୧୨୫ କୋଟି ଟଙ୍କା କରାଯାଇଥିଲା, ଯେତେବେଳେ ଟର୍ଣ୍ଣଓଭର ସୀମାକୁ ଦ୍ୱିଗୁଣିତ କରି ଯଥାକ୍ରମେ ୧୦ କୋଟି ଟଙ୍କା, ୧୦୦ କୋଟି ଟଙ୍କା ଏବଂ ୫୦୦ କୋଟି ଟଙ୍କା କରାଯାଇଥିଲା; ଏହି ପଦକ୍ଷେପଗୁଡ଼ିକ ଉଦ୍ୟୋଗଗୁଡ଼ିକୁ ପୁଞ୍ଜି ନିବେଶ ବୃଦ୍ଧି କରିବା, ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲା । ୩. ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଆର୍ଥିକ ପ୍ରବେଶ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ମନ୍ତ୍ରଣାଳୟ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ବ୍ୟାଙ୍କ ଋଣର ଉପଲବ୍ଧତା ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି ଏବଂ ଏହି ପ୍ରୟାସଗୁଡ଼ିକ ଉଲ୍ଲେଖନୀୟ ଫଳାଫଳ ପ୍ରଦାନ କରୁଛି । ୨୦୧୪-୧୫ ମସିହାରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରଦାନ କରାଯାଇଥିବା ବକେୟା ଋଣ ୧୦ ଲକ୍ଷ କୋଟି ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା ବୃଦ୍ଧି ପାଇ ୩୮.୩୫ ଲକ୍ଷ କୋଟିରୁ ଅଧିକ ଟଙ୍କା ହୋଇଛି । 'କ୍ରେଡିଟ୍ ଗ୍ୟାରେଂଟି ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ଏଂଟରପ୍ରାଇଜେସ୍' (ସି.ଜି.ଟି.ଏମ.ଏସ.ଇ.) ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ପ୍ରଦାନ କରାଯାଇଥିବା ଋଣ ଉପରେ ଗ୍ୟାରେଂଟି ପ୍ରଦାନ କରେ । ଏହି ବ୍ୟବସ୍ଥା ମାଧ୍ୟମରେ, ୨୦୦୦ ମସିହାରୁ ୨୦୨୨ ମସିହା ମଧ୍ୟରେ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ୩.୧୪ ଲକ୍ଷ କୋଟି ଟଙ୍କାର କ୍ରେଡିଟ୍ ଗ୍ୟାରେଂଟି ପ୍ରଦାନ କରାଯାଇ ଥିଲା; ୨୦୨୨-୨୩ରୁ ୨୦୨୫-୨୬ ମସିହା ପର୍ଯ୍ୟନ୍ତ ଚାରି ବର୍ଷର ଅବଧି ମଧ୍ୟରେ ଏହି ସଂଖ୍ୟା ୧୦.୪୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପି.ଏମ.ଇ.ଜି.ପି.) ଅଧୀନରେ, ୨୦୧୪-୧୫ ଆର୍ଥିକ ବର୍ଷରୁ ପ୍ରାୟ ୮.୩୪ ଲକ୍ଷ ଅଣୁ-ଉଦ୍ୟୋଗଗୁଡ଼ିକୁ ୨୪,୯୦୩ କୋଟି ଟଙ୍କାର ମାର୍ଜିନ୍ ମନି ସବସିଡି ପ୍ରଦାନ କରାଯାଇଛି, ଯାହା ପ୍ରାୟ ୭୫ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ୪. ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ସାର୍ବଜନିକ କ୍ରୟ ନୀତି (୨୦୧୨) ଅଧୀନରେ, କେନ୍ଦ୍ରୀୟ ମନ୍ତ୍ରଣାଳୟ, ବିଭାଗ ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗଗୁଡ଼ିକ (ସି.ପି.ଏସ.ଇ.) ପାଇଁ ସେମାନଙ୍କର ବାର୍ଷିକ ଆବଶ୍ୟକତାର ୨୫ ପ୍ରତିଶତ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଠାରୁ ସଂଗ୍ରହ କରିବା ବାଧ୍ୟତାମୂଳକ; ଏଥିରେ ମହିଳା ଉଦ୍ୟୋଗୀଙ୍କ ମାଲିକାନାରେ ଥିବା ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରୁ ୩ ପ୍ରତିଶତ ଏବଂ ତଫସିଲଭୁକ୍ତ ଜନଜାତି/ ତଫସିଲଭୁକ୍ତ ଜାତିର ଉଦ୍ୟୋଗୀଙ୍କ ମାଲିକାନାରେ ଥିବା ୪ ପ୍ରତିଶତ କ୍ରୟ ଅନ୍ତର୍ଭୁକ୍ତ । ବର୍ଷ ବର୍ଷ ଧରି ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରୁ କ୍ରୟ ନିରନ୍ତର ବୃଦ୍ଧି ପାଇଛି । ୨୦୨୦-୨୧ ଆର୍ଥିକ ବର୍ଷରେ, ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରୁ ସାଧାରଣ କ୍ରୟର ମୂଲ୍ୟ ୪୦,୭୧୭ କୋଟି ଟଙ୍କା ଥିଲା; ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୧,୧୫,୮୦୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ସିପିଏସଇଗୁଡ଼ିକ ପାଇଁ ନିର୍ଦ୍ଧାରିତ ୨୫ ପ୍ରତିଶତ କ୍ରୟ ଲକ୍ଷ୍ୟଠାରୁ ୪୯ ପ୍ରତିଶତରୁ ଅଧିକ । ଏଥିରେ ତଫସିଲଭୁକ୍ତ ଜନଜାତି/ ତଫସିଲଭୁକ୍ତ ଜାତି ବର୍ଗର ଉଦ୍ୟୋଗୀଙ୍କ ମାଲିକାନାରେ ଥିବା ଉଦ୍ୟୋଗଗୁଡ଼ିକରୁ ୩,୯୮୪ କୋଟି ଟଙ୍କା ଏବଂ ମହିଳା ଉଦ୍ୟୋଗୀଙ୍କ ମାଲିକାନାରେ ଥିବା ଉଦ୍ୟୋଗଗୁଡ଼ିକରୁ ୯,୦୫୯ କୋଟି ଟଙ୍କା ମୂଲ୍ୟର କ୍ରୟ ଅନ୍ତର୍ଭୁକ୍ତ । ୫. ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସମୟୋଚିତ ଦେୟ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି; ଟ୍ରେଡସ୍ ସେମାନଙ୍କ ମଧ୍ୟରୁ ଗୋଟିଏ । ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ.) ଦ୍ୱାରା ନିୟନ୍ତ୍ରିତ ଏକ ଡିଜିଟାଲ୍ ପ୍ଲାଟଫର୍ମ, ଯାହା ଭାରତରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ଲିକ୍ୱିଡିଟି ଚ୍ୟାଲେଞ୍ଜ ଏବଂ କାର୍ଯ୍ୟକ୍ଷମ ପୁଞ୍ଜି ଆବଶ୍ୟକତାକୁ ସମାଧାନ କରିବା ପାଇଁ ୨୦୧୭ ରେ ଆରମ୍ଭ ହୋଇଥିଲା । ଟ୍ରେଡସ୍ ପ୍ଲାଟଫର୍ମ ମାର୍ଚ୍ଚ ୨୦୨୬ ସୁଦ୍ଧା ୮,୭୧,୦୦୦ କୋଟି ଟଙ୍କାର ଇନଭଏସ୍ ଡିସ୍କାଉଂଟିଂ ମାଧ୍ୟମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସମୟାନୁସାରେ ପେମେଂଟ ସୁବିଧା ଯୋଗାଇ ଦେଇଛି । ଟ୍ରେଡ୍ସ୍ ପ୍ଲାଟଫର୍ମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଙ୍କ ସଂଖ୍ୟା ଏପ୍ରିଲ ୨୦୨୨ରେ ୩୪,୪୩୦ରୁ ବୃଦ୍ଧି ପାଇ ୨୦୨୬ ମାର୍ଚ୍ଚ ସୁଦ୍ଧା ୨,୫୫,୦୦୦ରୁ ଅଧିକ ହୋଇଛି । ଏହି ସମୟରେ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଇନଭଏସ୍ ଡିସ୍କାଉଂଟିଂର ମୂଲ୍ୟ ୨୦୨୧-୨୨ ମସିହାରେ ୪୦,୦୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୩,୪୭,୦୦୦ କୋଟି ଟଙ୍କାରୁ ଅଧିକ ହୋଇଛି । ଟ୍ରେଡ୍ସ୍ ଇନଭଏସ୍ ଡିସ୍କାଉଂଟିଂର ବର୍ଦ୍ଧିତ ଧାରା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକୁ ସମୟାନୁସାରେ ପେମେଂଟ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ୬. ବିଳମ୍ବିତ ଦେୟ ଏବଂ ସମ୍ପର୍କିତ ବିବାଦର ସମାଧାନ ପାଇଁ, ସାରା ଦେଶରେ ୧୬୧ଟି ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ସୁବିଧା ପରିଷଦ (ଏମ.ଏସ.ଇ.ଏଫ.ସି.) ପ୍ରତିଷ୍ଠା କରାଯାଇଛି । ଏହି ସଂଶୋଧନ ରାଜ୍ୟଗୁଡ଼ିକୁ ଏମ.ଏସ.ଇ.ଏଫ.ସି.ର ଗଠନ ନିର୍ଣ୍ଣୟ କରିବାକୁ ସକ୍ଷମ କରିଥାଏ, ଯାହା ସେମାନଙ୍କୁ ଆବଶ୍ୟକତା ଅନୁସାରେ ଏମ.ଏସ.ଇ.ଏଫ.ସି. ଗଠନ କରିବାକୁ ସକ୍ଷମ କରିଥାଏ । ପକ୍ଷମାନଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ପର୍ଯ୍ୟାପ୍ତ ବିବାଦ ସମାଧାନ ତନ୍ତ୍ର ସ୍ଥାପନ କରାଯାଇଛି । ଏହି ସଂଶୋଧନ ବିଲ୍ ପକ୍ଷମାନଙ୍କ ଦ୍ୱାରା ବିବାଦର ସମୟୋଚିତ ଏବଂ ମୂଲ୍ୟ-ପ୍ରଭାବଶାଳୀ ସମାଧାନ ସୁନିଶ୍ଚିତ କରିବା ପାଇଁ ଅନଲାଇନ୍ ବିବାଦ ସମାଧାନ (ଓ.ଡି.ଆର.)କୁ ସକ୍ଷମ ଏବଂ ସୁଦୃଢ଼ କରିଥାଏ । ୭. ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରଣାଳୟ ମହିଳା ଉଦ୍ୟୋଗୀଙ୍କ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ମନ୍ତ୍ରଣାଳୟର ଅନେକ ଯୋଜନାରେ ମହିଳାମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା ଅଛି । ଆଜି, ଉଦ୍ୟମ ପୋର୍ଟାଲରେ ୩୯ ପ୍ରତିଶତରୁ ଅଧିକ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ମହିଳା ମାଲିକାନା, ପ୍ରାୟ ୩.୩୮ କୋଟି ମହିଳାମାନଙ୍କ ମାଲିକାନାରେ ଅଛି, ଏବଂ ଏହି ସଂଖ୍ୟା ସ୍ଥିର ଭାବରେ ବୃଦ୍ଧି ପାଉଛି । କ୍ରେଡିଟ୍ ଗ୍ୟାରେଂଟି ଯୋଜନା ଅଧୀନରେ, ମହିଳାମାନଙ୍କ ପାଇଁ ଗ୍ୟାରେଂଟି କଭରେଜ୍ ୯୦% ପର୍ଯ୍ୟନ୍ତ ଏବଂ ବାର୍ଷିକ ଗ୍ୟାରେଂଟି ଫି ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯାଇଛି । କ୍ରୟ ଏବଂ ମାର୍କେଟିଂ ସହାୟତା ଯୋଜନା ଅଧୀନରେ, ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବାଣିଜ୍ୟ ମେଳାରେ ଅଂଶଗ୍ରହଣ ପାଇଁ ୧୦୦ ପ୍ରତିଶତ ସବସିଡି ପ୍ରଦାନ କରାଯାଏ, ଯେତେବେଳେ ଅନ୍ୟ ଉଦ୍ୟୋଗୀମାନଙ୍କ ପାଇଁ ଏହା ୮୦ ପ୍ରତିଶତ ରହିଛି । ପିଏମଇଜିପି ଅଧୀନରେ ଗ୍ରାମାଂଚଳର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୩୫ ପ୍ରତିଶତ ଏବଂ ସହରାଂଚଳର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୫ ପ୍ରତିଶତ ସବସିଡି ପ୍ରଦାନର ବ୍ୟବସ୍ଥା ରହିଛି । ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ ମନ୍ତ୍ରଣାଳୟ ପାଇଁ ଏକ ପ୍ରାଥମିକତା । ଆଜି, ୧୨.୪ ନିୟୁତରୁ ଅଧିକ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ତଫସିଲଭୁକ୍ତ ଜନଜାତି/ତଫସିଲଭୁକ୍ତ ଜାତି ବର୍ଗର ଉଦ୍ୟୋଗୀଙ୍କ ମାଲିକାନାରେ ଅଛନ୍ତି । ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରଣାଳୟର ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା, ଜାତୀୟ ଅନୁସୂଚିତ ଜାତି ଏବଂ ଜନଜାତି ହବ୍ ଯୋଜନା, ୨୦୧୬ ମସିହାରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଉଦ୍ୟୋଗୀମାନଙ୍କର କ୍ଷମତା ବୃଦ୍ଧି କରିବା ଏବଂ ସେମାନଙ୍କ ମଧ୍ୟରେ ଏକ ଉଦ୍ୟୋଗୀ ସଂସ୍କୃତିକୁ ପ୍ରୋତ୍ସାହିତ କରିବା । ୮. ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଏହିସବୁ ପଦକ୍ଷେପ ଏବଂ ପ୍ରୟାସକୁ ଆହୁରି ମଜବୁତ କରିବା ପାଇଁ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ସଂଶୋଧନ ବିଲ୍, ୨୦୨୬ ଗୃହିତ ହୋଇଛି । ଏହାର ଉଦ୍ଦେଶ୍ୟ ହେଉଛି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ସାମ୍ନା କରୁଥିବା ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା, ପ୍ରଶାସନିକ ଢାଂଚାରେ ଉନ୍ନତି ଆଣିବା ଏବଂ ବ୍ୟବସାୟ କରିବାର ସହଜତା ଏବଂ ନିୟାମକ ଅନୁପାଳନକୁ ପ୍ରୋତ୍ସାହିତ କରିବା । ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଉଛି:




ଶ୍ରୀମତୀ ଶୋଭା କରାଣ୍ଡଲାଜେ

କ. ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ମାଗଣା ଏବଂ ସ୍ୱେଚ୍ଛାକୃତ ପଞ୍ଜୀକରଣ ପାଇଁ ଏକ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମକୁ ସୂଚିତ କରିବା । ଟର୍ଣ୍ଣଓଭର ଏବଂ ନିବେଶ-ଆଧାରିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବର୍ଗୀକରଣକୁ ଆଇନଗତ କରିବା ; ଖ. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦ୍ୱାରା ସମ୍ମୁଖୀନ ହେଉଥିବା ଲିକ୍ୱିଡିଟି ସମସ୍ୟାର ସମାଧାନ କରିବା । ସମସ୍ତ କେନ୍ଦ୍ରୀୟ ସରକାରୀ କ୍ଷେତ୍ର ଉଦ୍ୟୋଗ (ସି.ପି.ଏସ.ଇ.) ଗୁଡ଼ିକୁ ବାଣିଜ୍ୟ ମାଧ୍ୟମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କ ନିକଟରୁ କ୍ରୟ ପାଇଁ ଇନଭଏସ୍ ଆହରଣ କରିବାକୁ ବାଧ୍ୟତାମୂଳକ କରାଯାଇଛି । ରାଜ୍ୟ ସରକାରଙ୍କୁ ମଧ୍ୟ ସେମାନଙ୍କର ସରକାରୀ କ୍ଷେତ୍ର ଉଦ୍ୟୋଗ ପାଇଁ ସମାନ ବ୍ୟବସ୍ଥା ଗ୍ରହଣ କରିବାକୁ କ୍ଷମତା ଦିଆଯାଇଛି ; ଗ. ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ସୁବିଧା ପରିଷଦ (ଏମ.ଏସ.ଇ.ଏଫ.ସି.)ର ଗଠନକୁ ଯୁକ୍ତିଯୁକ୍ତ କରି ଅଧିକ ଏମ.ଏସ.ଇ.ଏଫ.ସି. ପ୍ରତିଷ୍ଠାକୁ ସହଜ କରିବା; ଘ. ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ବିଳମ୍ବରେ ଦେୟ ପ୍ରଦାନ ସହିତ ଜଡିତ ବିବାଦର ଶୀଘ୍ର ସମାଧାନ ପାଇଁ ଏକ ସମୟସୀମା ସ୍ଥାପନ କରିବା; ଙ. ମଧ୍ୟସ୍ଥତା ମାଧ୍ୟମରେ ହୋଇଥିବା ସମାଧାନ କିମ୍ବା ଆର୍ବିଟ୍ରାଲ୍ ଆୱାର୍ଡର ରାଶିକୁ 'ଭୂମି ରାଜସ୍ୱର ବକେୟା' ଭାବେ ଆଦାୟ କରିବାର ବ୍ୟବସ୍ଥା କରାଯାଇଛି; ଚ. ଯଦି କୌଣସି ଡିକ୍ରି, ଆୱାର୍ଡ କିମ୍ବା ଆଦେଶକୁ ବାତିଲ୍ କରିବା ପାଇଁ ଦାଖଲ ଆବେଦନ ଛଅ ମାସରୁ ଅଧିକ ସମୟ ଧରି ବିଚାରାଧୀନ ରହେ, ତେବେ ଅଦାଲତଗୁଡ଼ିକ ସୂକ୍ଷ୍ମ ଓ ଲଘୁ ଉଦ୍ୟୋଗ ସପ୍ଲାୟରମାନଙ୍କୁ ଆୱାର୍ଡ ହୋଇଥିବା ରାଶିର ଅତି କମରେ ୫୦ ପ୍ରତିଶତ ପ୍ରଦାନ କରିବାକୁ ଆଦେଶ ଦେଇପାରିବେ; ଛ. କେତେକ ବ୍ୟବସ୍ଥାର ଉଲ୍ଲଂଘନକୁ ଅପରାଧ ଶ୍ରେଣୀରୁ ବାଦ ଦେଇ ଅପରାଧମୁକ୍ତ କରାଯାଇଛି । ଦୋଷସିଦ୍ଧି ଆଧାରିତ ଜରିମାନା ପରିବର୍ତ୍ତେ ବିଭିନ୍ନ ସ୍ତରର ଦଣ୍ଡ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ପ୍ରଥମ ଥର ଉଲ୍ଲଂଘନ ପାଇଁ ଚେତାବନୀ ପ୍ରଦାନ ମଧ୍ୟ ସାମିଲ ରହିଛି । ଏହି ସଂଶୋଧନଗୁଡ଼ିକ ସମସ୍ତ ହିତଧାରୀଙ୍କ ସହ ବ୍ୟାପକ ଆଲୋଚନା ଏବଂ ସମ୍ପୃକ୍ତ ବିଷୟଗୁଡ଼ିକର ଯତ୍ନପୂର୍ବକ ଅନୁଧ୍ୟାନ ପରେ କରାଯାଇଛି । ସମାବେଶୀ, ସ୍ଥାୟୀ ଏବଂ ରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ ହାସଲ କରିବା ପାଇଁ ଏକ ସୁଦୃଢ଼ ଏମଏସଏମଇ କ୍ଷେତ୍ର ଅତ୍ୟନ୍ତ ଆବଶ୍ୟକ । ଏହି ସଂଶୋଧନଗୁଡ଼ିକ 'ବିକଶିତ ଭାରତ ୨୦୪୭'ର ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ସହ ସମନ୍ୱିତ । ଏହା ଉଦ୍ୟୋଗ ଗୁଡ଼ିକର ଔପଚାରିକୀକରଣକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ବିସ୍ତାର ପାଇଁ ନୂତନ ପଥ ଉନ୍ମୁକ୍ତ କରିବ । ଫଳସ୍ୱରୂପ, ଉଦ୍ୟୋଗଗୁଡ଼ିକ ଅଧିକ ସୁଦୃଢ଼ ହୋଇ ବିକାଶର 'ଚାମ୍ପିଅନ୍' ଭାବେ ଉଭା ହୋଇପାରିବେ ।

*(ଲେଖିକା କେନ୍ଦ୍ର ସରକାରରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ )*

# ଇସ୍ପାତ ଢାଂଚାର ପୁନଃନିର୍ମାଣ : ଶାସନରୁ ସେବା ଯାଏଁ : ସମୟବଦ୍ଧ ସଂସ୍କାରର ଏକ ନିରନ୍ତର ଯାତ୍ରା



ଡକ୍ଟର ଜିତେନ୍ଦ୍ର ସିଂହ

୧୯୪୭ ମସିହାରେ ଯେତେବେଳେ ବ୍ରିଟିଶରମାନେ ଭାରତ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ, ସେତେବେଳେ ସେମାନେ ପ୍ରାୟ ଏକ ଚିନ୍ତାଧାରା ଭାବରେ ଗୋଟିଏ ବାକ୍ୟାଂଶ ଛାଡି ଯାଇଥିଲେ: 'ଇସ୍ପାତ ଢାଂଚା' । ଏହାକୁ ସେମାନେ ଭାରତୀୟ ପ୍ରଶାସନିକ ସେବା ବୋଲି କହିଥିଲେ, ସେହି ପ୍ରଶାସନିକ ଢାଂଚା, ଯାହା ମାଧ୍ୟମରେ ବ୍ରିଟିଶ୍ ରାଜ୍ ନିଜର ଶାସନ ଚଳାଉଥିଲା । ଇସ୍ପାତ ସହଜରେ ନଇଁ ନଥାଏ, ଏବଂ ତାହା ହିଁ ମୂଳ କଥା ଥିଲା । ଏହା ଏକ ସାମ୍ରାଜ୍ୟକୁ ସ୍ଥିର ରଖିବା ପାଇଁ ନିର୍ମିତ ହୋଇଥିଲା, ଏହା ଶାସିତ ଲୋକଙ୍କ କଥା ଶୁଣିବା ପାଇଁ ନୁହେଁ । ସ୍ୱାଧୀନତା ପରେ ଦଶନ୍ଧି ଦଶନ୍ଧି ଧରି, ଆମେ ସେହି ଢାଂଚାକୁ ଉତରାଧିକାରୀ ଭାବରେ ପାଇଲୁ, ଏହାକୁ ଏକ ନୂତନ ନାମ ଦେଲୁ, ଏହାକୁ ଖଦୀ ପିନ୍ଧାଇଥିଲୁ ଏବଂ ନିଜକୁ କହିଥିଲୁ ଯେ ଏହା ବର୍ତ୍ତମାନ ଆମର ହୋଇଗଲା । କିନ୍ତୁ ନିୟନ୍ତ୍ରଣ ପାଇଁ ଗଠିତ ଢାଂଚା ସ୍ୱୟଂଚାଳିତ ଭାବରେ ସେବା ପାଇଁ ନିର୍ମିତ ଢାଂଚା ନୁହେଁ । ତା'ଛଡ଼ା ଆମର ଗଣରାଜ୍ୟର ପ୍ରଥମ ଦୀର୍ଘ ଦଶନ୍ଧି ଧରି, ଭାରତ ଏହାର ଉପନିବେଶବାଦୀଙ୍କ ସ୍ଥାପତ୍ୟ ଭିତରେ ରହିଲା, ତିନୋଟି ପ୍ରତିଲିପିରେ ସମାନ ଫର୍ମ ଦାଖଲ କଲା, ସମାନ ଉଚ୍ଚ ପ୍ଲାଟଫର୍ମ ସମ୍ମୁଖରେ ସମାନ ଧାଡ଼ିରେ ଠିଆ ହେଲା, ଜଣେ 'ସାହେବ' ପାଇଁ ତା'ର ଭାଗ୍ୟ ନିର୍ଦ୍ଧାରଣ ନିଷ୍ପତି ନେବା ପାଇଁ ଅପେକ୍ଷା କଲା । ମୁଁ ମୋର ନିଜର କର୍ମମୟ ଜୀବନର ଅଧିକାଂଶ ସମୟ ଏହି ଢାଂଚାରେ ବିତାଇଛି, ପ୍ରଥମେ ଜଣେ ନାଗରିକ ଏବଂ ଜଣେ ପେସାଦାର ଭାବରେ, ତା'ପରେ ଭାରତ ସରକାରଙ୍କ କର୍ମଚାରୀ, ସାଧାରଣ ଅଭିଯୋଗ ଏବଂ ପେନସନର ଦାୟିତ୍ୱରେ ଥିବା ଜଣେ ବ୍ୟକ୍ତି ଭାବରେ, ଯେଉଁ ବିଭାଗର କାମ ହେଉଛି ଇସ୍ପାତକୁ ପରୀକ୍ଷା କରିବା ଏବଂ ପଚାରିବା ଯେ କ'ଣ ପୁନଃନିର୍ମାଣ କରିବାକୁ ପଡିବ । ତେଣୁ ଯେତେବେଳେ ମୋତେ ପଚରାଯାଏ ଯେ ଭାରତ ତା'ର ଅମଲାତନ୍ତ୍ରକୁ ସଂସ୍କାର କରିଛି କି ନାହିଁ, ମୋର ଉତର ନୁହେଁ କୌଣସି ପ୍ରତିଷ୍ଠାନକୁ ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କ ସୁରକ୍ଷା, ନା କୌଣସି ବ୍ୟକ୍ତିର ନିନ୍ଦା କରିବା, ଯିଏ ଏହାକୁ ଛାଡି ଦେଇଛନ୍ତି ! ଏହା ଏପରି ଜଣେ ବ୍ୟକ୍ତିଙ୍କ ଉତର ଯିଏ ଭିତରେ ଭିତରେ ବାର ବର୍ଷ ଧରି ନୀରବ କିନ୍ତୁ ସ୍ଥିର ମନରେ ପୁନଃନିର୍ମାଣ ଦେଖିଛନ୍ତି ଯାହା ସ୍ୱାଧୀନତା ପରଠାରୁ ଅର୍ଥପୂର୍ଣ୍ଣ ଭାବରେ ସ୍ପର୍ଶ କରାଯାଇ ନଥିଲା ଏବଂ ଯଦି ଶ୍ରୀ ନରେନ୍ଦ୍ର ମୋଦୀ, ଯିଏକି ନିଜର ପଥପ୍ରଦର୍ଶକ ଚିନ୍ତାଧାରା ପାଇଁ ଜଣାଶୁଣା, ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରି ନଥାଆନ୍ତେ, ତେବେ ହୁଏତ ଏବେ ସୁଦ୍ଧା ଏହା ଅସମାହିତ ହୋଇ ରହିଥାନ୍ତା । ଆମେ କେଉଁଠାରୁ ଆରମ୍ଭ କରିଥିଲୁ ତାହା ବିଚାର କରନ୍ତୁ । ୨୦୧୪ ମସିହାରେ କେନ୍ଦ୍ର ସରକାରଙ୍କ ପ୍ରତି ଜଣେ ନାଗରିକର ଅଭିଯୋଗର ସମାଧାନ ପାଇଁ ହାରାହାରି ୧୫୭ ଦିନ ସମୟ ଲାଗୁଥିଲା । ଏହାକୁ ଦାଖଲ କରିବା ଅର୍ଥ ହେଉଛି ସାରା ଦେଶରେ ପ୍ରାୟ ଦଶ ହଜାର ଅଭିଯୋଗ ଅଧିକାରୀ ଥିବା ଏକ ସିଷ୍ଟମକୁ ଅତିକ୍ରମ କରିବା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅପହଂଚ, ସମସ୍ତେ କୌଣସି ବାସ୍ତବ ସମୟସୀମା ପର୍ଯ୍ୟନ୍ତ ଉତରଦାୟୀ ନଥିଲେ । ଚାକିରି ପାଇଁ ସରକାରୀ କାର୍ଯ୍ୟାଳୟ ବାହାରେ ଧାଡ଼ିରେ ଠିଆ ହୋଇଥିବା ଜଣେ ଯୁବକ, ନିଜ ସ୍ୱାମୀଙ୍କ ପେନ୍ସନ୍ ଫାଇଲ୍ ଖୋଜୁଥିବା ଜଣେ ବିଧବା, କିମ୍ବା ନିଜ ଫସଲ ବୀମା ଦାବିର ଫାଇଲ୍ କୌଣସି ମନ୍ତ୍ରଣାଳୟର ଆଲମାରିରୁ କାହିଁକି ଗାଏବ ହୋଇଗଲା ବୋଲି ଜାଣିବାକୁ ଚେଷ୍ଟା କରୁଥିବା ଜଣେ କୃଷକ ସମସ୍ତଙ୍କ ସାମ୍ନାରେ ପରିସ୍ଥିତି ଏକା ଥିଲା । ସେମାନଙ୍କୁ ଏମିତି ଏକ ବ୍ୟବସ୍ଥାର ସାମ୍ନା କରିବାକୁ ପଡୁଥିଲା, ଯାହା ନାଗରିକମାନଙ୍କୁ ଅପେକ୍ଷା କରାଇବା ପାଇଁ ହିଁ ଗଢ଼ାଯାଇଥିଲା; ଏବଂ ଏପରି ଅଧିକାରୀମାନଙ୍କ ସାମ୍ନା କରିବାକୁ ପଡୁଥିଲା, ଯେଉଁମାନେ କୌଣସି ଫଳାଫଳ ପାଇଁ ଉତରଦାୟୀ ନଥିଲେ । ଏହା କେବଳ ଅକ୍ଷମତା ନଥିଲା । ଏହା ଥିଲା ସେହି ପ୍ରଶାସନର ଶେଷ ଜୀବନ୍ତ ଅବଶେଷ, ଯାହା ନାଗରିକଙ୍କୁ ସମାଧାନ ଦେବା ପରିବର୍ତ୍ତେ ଭୟଭୀତ କରିବା ପାଇଁ ନିର୍ମିତ ହୋଇଥିଲା । ଆଜିର ତୁଳନା ମତାମତର ବିଷୟ ନୁହେଁ; ଏହା ସଂଖ୍ୟାରେ ଉଲ୍ଲେଖ କରାଯାଇଛି । ସେହି ୧୫୭-ଦିନର ଅଭିଯୋଗ ସମାଧାନ ସମୟ ୧୫ ଦିନକୁ ହ୍ରାସ ପାଇଛି । ବ୍ୟବସ୍ଥା ଦ୍ୱାରା ପରିଚାଳନା କରାଯାଉଥିବା ଅଭିଯୋଗ ସଂଖ୍ୟା ଇତି ମଧ୍ୟରେ ପ୍ରାୟ ନଅ ଗୁଣ ବୃଦ୍ଧି ପାଇଛି; ବାର୍ଷିକ ପ୍ରାୟ ୩ ଲକ୍ଷରୁ ପ୍ରାୟ ୨୭ ଲକ୍ଷ, ଏବଂ ସେଗୁଡ଼ିକର ସମାଧାନ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସଂଖ୍ୟା ଦଶ ଗୁଣରୁ ଅଧିକ ବୃଦ୍ଧି ପାଇ ଏକ ଲକ୍ଷରୁ ଅଧିକ ହୋଇଛି । ଚଳିତ ବର୍ଷ ମାର୍ଚ୍ଚ ମାସରେ, କେନ୍ଦ୍ରୀୟ ସଚିବାଳୟ ଫଂଚଚାଳିଶ ମାସ ପାଇଁ ଏକ ଲକ୍ଷ ଅଭିଯୋଗ ସମାଧାନ ସୀମା ଅତିକ୍ରମ କରିଛି । ଆମେ ସି.ପି.ଜି.ଆର.ଏ.ଏମ.ଏସ., କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମକୁ ଏକ ପ୍ଲାଟଫର୍ମରେ ନିର୍ମାଣ କରିଛୁ ଯାହା ସମ୍ପ୍ରତି ବାଇଶଟି ଭାଷାରେ କଥା ହୁଏ, କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ନାଗରିକଙ୍କ ଅଭିଯୋଗକୁ ସଠିକ୍ ଡେସ୍କକୁ ପଠାଏ ଏବଂ ଏକ ଦୂରବର୍ତୀ ଗ୍ରାମାଂଚଳର ଜଣେ ଚାଷୀଙ୍କୁ ସ୍ୱର ଦ୍ୱାରା, ନିଜ ଭାଷାରେ, ଏକ ଚାଟବଟ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବାକୁ ଦେଇଥାଏ ଯାହାର ନାମ ଆମେ ଜାଣିଶୁଣି ସମାଧାନ ଦିଦି, 'ସମାଧାନ ଆଣିଥିବା ଭଉଣୀ' ବୋଲି ରଖିଥିଲୁ । ଜଣେ ଗ୍ରାମବାସୀ ଯାହାକୁ ଥରେ ଜିଲ୍ଲା କାର୍ଯ୍ୟାଳୟକୁ ଯାତ୍ରା କରିବାକୁ ଏବଂ ସର୍ବୋତମ ଆଶା କରିବାକୁ ପଡୁଥିଲା, ସେ ଏବେ ନିଜ ପଂଚାୟତର ଏକ ସାଧାରଣ ସେବା କେନ୍ଦ୍ରରୁ ଏହା କରିପାରିବେ, ଏବଂ ପ୍ରତି ମାସର ୨୦ ତାରିଖକୁ ସି.ଏସ.ସି.-ସି.ପି.ଜି.ଆର.ଏମ.ଏସ. ଦିବସ ଭାବରେ ନିର୍ଦ୍ଦିଷ୍ଟ ଭାବରେ ରଖାଯାଇଛି ଯାହା ଦ୍ୱାରା ଏହି ପ୍ରତିଶ୍ରୁତି ସମାଜର ଶେଷତମ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଂଚିପାରିବ । କିନ୍ତୁ ଗଭୀର ପରିବର୍ତନ, ଯାହାକୁ ମୁଁ ଷ୍ଟିଲ୍ ଫ୍ରେମର ପ୍ରକୃତ ସଂସ୍କାର ବୋଲି ବିବେଚନା କରେ, ତାହା ଡିଜିଟାଲ୍ ପ୍ଲମ୍ବିଂ ନୁହେଁ । ଏହା ହେଉଛି ଆମେ ଆମର ପ୍ରଶାସନିକ ଅଧିକାରୀମାନଙ୍କୁ କିପରି ଗଢ଼ି ତୋଳୁଛୁ, ସେହି ଦର୍ଶନରେ ଆସିଥିବା ଏକ ପରିବର୍ତନ । ୭୦ ବର୍ଷ ଧରି, ସରକାର ଏକ "ନିୟମ-ଆଧାରିତ" ସଂସ୍କୃତିରେ ଚାଲିଆସୁଥିଲା । ଜଣେ ଅଧିକାରୀ ଠିକ୍ ପ୍ରକ୍ରିୟା ଅନୁସରଣ କରିଛନ୍ତି କି ନାହିଁ, ସେହି ଆଧାରରେ ତାଙ୍କୁ ମୂଲ୍ୟାୟନ କରାଯାଉଥିଲା; ସେ ଜଣେ ନାଗରିକଙ୍କ ସମସ୍ୟାର ସମାଧାନ କରିଛନ୍ତି କି ନାହିଁ, ତାହାର ଆଧାରରେ ନୁହେଁ । ୨୦୨୦ରେ ଆମେ "ମିଶନ୍ କର୍ମଯୋଗୀ" ଆରମ୍ଭ କରିଥିଲୁ— ପ୍ରଶାସନିକ ସେବାର ଦକ୍ଷତା ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମକୁ ଆମେ ଏହି "ଭୂମିକା-ଆଧାରିତ" ସଂସ୍କୃତିରେ ପରିଣତ କରିବା ପାଇଁ ଆରମ୍ଭ କରିଥିଲୁ । ଏଠାରେ ଜଣେ ଅଧିକାରୀଙ୍କୁ ତାଙ୍କ ଚାକିରି ପ୍ରକୃତରେ ତାଙ୍କଠାରୁ କ'ଣ ଆଶା କରୁଛି, ସେହି ଆଧାରରେ ପ୍ରଶିକ୍ଷଣ ଓ ମୂଲ୍ୟାୟନ କରାଯାଏ— ଔପନିବେଶିକ ଯୁଗର ନିୟମ ପୁସ୍ତକରେ କ'ଣ ଲେଖାଯାଇଛି, ତାହାର ଆଧାରରେ ନୁହେଁ । ଆଜି ଗ୍ରାମସ୍ତରୀୟ କିରାଣୀ ସ୍ତରରୁ ଭାରତ ସରକାରଙ୍କ ସଚିବ ପର୍ଯ୍ୟନ୍ତ ୧.୬୫ କୋଟିରୁ ଅଧିକ ସରକାରୀ କର୍ମଚାରୀ, ଆଇଗଟ୍ କର୍ମଯୋଗୀ ନାମକ ଏକ ସାଧାରଣ ଡିଜିଟାଲ୍ ପ୍ଲାଟଫର୍ମରେ ଶିକ୍ଷା ଗ୍ରହଣ କରନ୍ତି, ଯାହା ବର୍ତମାନ ହିନ୍ଦୀ ଏବଂ ଅନ୍ୟ ସତରଟି ଅନ୍ୟାନ୍ୟ ଭାରତୀୟ ଭାଷାରେ ପାଂଚ ହଜାରରୁ ଅଧିକ ପାଠ୍ୟକ୍ରମ ପ୍ରଦାନ କରେ । ପ୍ରଥମ ଥର ପାଇଁ, ଆମେ ଏହି ଶିକ୍ଷାକୁ ଜଣେ ଅଧିକାରୀଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ ସହିତ ଆନୁଷ୍ଠାନିକ ଭାବରେ ଯୋଡ଼ିଛୁ, ଯାହା ବାର୍ଷିକ ମୂଲ୍ୟାଙ୍କନ ଉପରେ ପଦୋନ୍ନତି ଥାଏ, ଯାହା ଦ୍ୱାରା ନିରନ୍ତର ଶିକ୍ଷା ଆଉ ଭଲପଣରୁ ଅଭ୍ୟାସ କରାଯାଉଥିବା ଗୁଣ ନୁହେଁ ବରଂ ସିଧାସଳଖ ଜଣଙ୍କ କ୍ୟାରିୟର ସହିତ ଜଡିତ ଏକ ମାପଦଣ୍ଡ । ଏହା କାର୍ଯ୍ୟଦକ୍ଷତା ଦାୟିତ୍ୱ, ଏକ ସ୍ଲୋଗାନ ଭାବରେ ନୁହେଁ , ବରଂ ଏକ ବ୍ୟବସ୍ଥା ଭାବରେ । ଆମେ ନୀରବରେ କିନ୍ତୁ ନିରନ୍ତର ଭାବରେ, ଅଧିକାରୀମାନଙ୍କୁ ନିଯୁକ୍ତି ଏବଂ ତାଲିମ ଦେବାର ଉପାୟରୁ ଉପନିବେଶିକ ଅବଶେଷାଂଶକୁ ବାହାର କରିବା ପାଇଁ କାର୍ଯ୍ୟ କରିଛୁ । ୨୦୧୬ ମସିହା ଠାରୁ, ନିମ୍ନ ଏବଂ ମଧ୍ୟମସ୍ତରୀୟ ସରକାରୀ ଚାକିରି, ଗ୍ରୁପ୍ ସି ଏବଂ ଅଣ-ଗେଜେଟେଡ୍ ଗ୍ରୁପ୍ ବି ପଦବୀ ପାଇଁ ସାକ୍ଷାତକାର, ଯେଉଁ ପଦବୀଗୁଡ଼ିକ ପାଇଁ ଏକ ସାକ୍ଷାତକାର ପାରମ୍ପାରିକ ଭାବରେ ପକ୍ଷପାତିତା ଏବଂ ପ୍ରାୟତଃ ଲାଂଚ ବୋଲି ବୁଝାଏ, କେନ୍ଦ୍ର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଉଚ୍ଛେଦ କରାଯାଇଛି ଏବଂ ଚବିଶ ରାଜ୍ୟ ଏବଂ ଆଠଟି କେନ୍ଦ୍ରଶାସିତ ଅଂଚଳ ଏହା ଅନୁସରଣ କରିଛନ୍ତି । ଆମେ ପୁରୁଣା ଆବଶ୍ୟକତାକୁ ଦୂର କରିଦେଇଛୁ ଯେ ଜଣେ ପ୍ରାର୍ଥୀଙ୍କୁ ସରକାରୀ ଫର୍ମ ପୂରଣ କରିବା ପାଇଁ ବିଶ୍ୱାସ କରାଯିବା ପୂର୍ବରୁ ଜଣେ ଗେଜେଟେଡ୍ ଅଧିକାରୀଙ୍କ ଦ୍ୱାରା ପ୍ରତିସ୍ୱାକ୍ଷର ଏବଂ ପ୍ରମାଣିତ କରାଯିବା ଆବଶ୍ୟକ, ଏକ ଉପନିବେଶବାଦୀ ଯୁଗର ଅଭ୍ୟାସ ଯାହା ପ୍ରମାଣିତ ନହେବା ପର୍ଯ୍ୟନ୍ତ ପ୍ରତ୍ୟେକ ନାଗରିକଙ୍କୁ ଜାଲିଆତି ପାଇଁ ଦୋଷୀ ବୋଲି ଧରି ନିଆଯାଉଥିଲା । ଆମେ ସଫଳ ପ୍ରାର୍ଥୀମାନଙ୍କୁ ପୋଲିସ ଯାଂଚ ପାଇଁ ମାସ ମାସ ଅପେକ୍ଷା କରିବାକୁ ବାଧ୍ୟ କରିବା ପରିବର୍ତ୍ତେ ଅସ୍ଥାୟୀ ଭାବରେ ସେମାନଙ୍କର ନୂତନ ଚାକିରିରେ ଯୋଗ ଦେବାକୁ ଅନୁମତି ଦେଉଛୁ, ପରିଣାମତଃ ସେମାନଙ୍କୁ ଏକ ଅମଲାତାନ୍ତ୍ରିକ ଔପଚାରିକତା ପାଇଁ ମାସ ମାସ ଅପେକ୍ଷା କରିବାକୁ ବାଧ୍ୟ କରୁନାହୁଁ । ଆମେ ଷୋହଳ ଶହରୁ ଅଧିକ ପୁରୁଣା ଆଇନକୁ ବାତିଲ କରିଦେଇଛୁ ଯାହା ଆମକୁ ଥରେ କିଏ ଶାସନ କରିଥିଲା ତାହା ସ୍ମରଣ କରାଇବା ବ୍ୟତୀତ ଅନ୍ୟ ସକଳ ଉଦ୍ଦେଶ୍ୟକୁ ସମାପ୍ତ କରିଦେଇଥିଲା ଏବଂ ଆଜି ଯେତେବେଳେ ମୁଁ ଯୁବ ଅଧିକାରୀମାନଙ୍କୁ ଭେଟେ, ମୁଁ ସେମାନଙ୍କୁ ଏହି ବର୍ଷ ଆରମ୍ଭରେ ଏକ କକ୍ଷରେ କହିଥିବା କଥା ସ୍ପଷ୍ଟ ଭାବରେ କହୁଛି: ସବୁଠାରୁ ବଡ଼ ସଂସ୍କାର ହେଉଛି ମନରେ, ଯାହା ମୁଁ ବିନା ଦ୍ୱିଧାରେ କହିଥିଲି, ଆମର 'ଉପନିବେଶିକ ମାନସିକତା' । ଯେତେବେଳେ ପ୍ରଧାନମନ୍ତ୍ରୀ ଆମର ମନ୍ତ୍ରଣାଳୟକୁ ନର୍ଥ ବ୍ଲକରୁ ବାହାର କରି ନୂତନ କର୍ତବ୍ୟ ଭବନକୁ ସ୍ଥାନାନ୍ତରିତ କଲେ, ଯେଉଁ ପଥ ଏକ ସାମ୍ରାଜ୍ୟ ପରିଚାଳନା ପାଇଁ ରଖାଯାଇ ଥିଲା, ଏହା କେବଳ ଠିକଣା ପରିବର୍ତନ ନଥିଲା । ଏହା ଏକ ବିବୃତି ଥିଲା ଯେ କର୍ତବ୍ୟ, ଦାୟିତ୍ୱ ଏବଂ ନିୟନ୍ତ୍ରଣ ନୁହେଁ, ଭାରତୀୟ ରାଷ୍ଟ୍ରର କାର୍ଯ୍ୟକାରୀ ଶବ୍ଦ ହେବା ଉଚିତ । ଏହା ସବୁ ସହିତ ସହିତ, ଆଉ ଏକ ନିରବ ସଂସ୍କାର ଚାଲିଛି, ଯାହାର ଉଦ୍ଦେଶ୍ୟ କାର୍ଯ୍ୟାଳୟ ବାହାରେ ଥିବା ନାଗରିକ ନୁହେଁ, ବରଂ କାର୍ଯ୍ୟାଳୟକୁ ଭିତରୁ ଚଳାଉଥିବା ମହିଳାମାନେ । ସ୍ୱାଧୀନ ଭାରତର ଇତିହାସର ଅଧିକାଂଶ ସମୟ ଧରି, ସରକାରୀ ଚାକିରିରେ ଥିବା ମହିଳାମାନଙ୍କ ପାଖରେ ଜନ୍ମ ସମୟରେ ନିଜ ଶିଶୁକୁ ହରାଇଲେ ଶୋକ ପ୍ରକାଶ କରିବା ପାଇଁ କୌଣସି ଔପଚାରିକ ଛୁଟିର ବ୍ୟବସ୍ଥା ନଥିଲା । ଆଜି ସେ ୬୦ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବାକୁ ହକ୍‌ଦାର । ଏହି ଅଧିକାର ଆମେ ୨୦୨୨ରେ ପ୍ରଦାନ କରିଥିଲୁ । ଏହାକୁ ମୁଁ କେବଳ ବହୁତ ବିଳମ୍ବରେ ଆସିଥିବା ଏକ ମାନବୀୟ ସମ୍ବେଦନଶୀଳତା ବୋଲି କହିପାରିବି । ପରବର୍ତୀ ସମୟରେ ଆମେ ଏହି ସୁବିଧା ସେହି ସମସ୍ତ ମାଆଙ୍କ ପାଇଁ ମଧ୍ୟ ଉପଲବ୍ଧ କରାଇଛୁ, ଯେଉଁମାନେ ସରୋଗେସି ମାଧ୍ୟମରେ ନିଜ ପରିବାର ଗଢ଼ିଛନ୍ତି । ଆମେ ଚାଇଲ୍ଡ କେୟାର୍ ଲିଭ୍ (ଶିଶୁ ଯତ୍ନ ଛୁଟି)ର ସୁବିଧାକୁ ମହିଳାମାନଙ୍କ ପ୍ରତ୍ୟେକ ପଦାୟନ ସ୍ଥାନରେ ଉପଲବ୍ଧ କରାଇଛୁ । ଏପରିକି ସରକାର ତାଙ୍କୁ ଏହି ଛୁଟିକୁ ବିଦେଶ ଯାତ୍ରା ପାଇଁ ମଧ୍ୟ ବ୍ୟବହାର କରିବାକୁ ଅନୁମତି ଦେଉଛି । ଜଣେ ଏକକ ମାଆଙ୍କୁ ଏକ କ୍ୟାଲେଣ୍ଡର ବର୍ଷରେ ଏହାର ଛଅଟି ସୁଯୋଗ ଦିଆଯାଏ, ଯେତେବେଳେ ଅନ୍ୟମାନଙ୍କୁ କେବଳ ତିନୋଟି ସୁଯୋଗ ମିଳେ । ଯେଉଁ ମହିଳା ନିଜ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ବିରୋଧରେ ଅଭିଯୋଗ କରିବାର ସାହସ କରନ୍ତି, ସେ ଏବେ ତାଙ୍କ ଅଭିଯୋଗର ତଦନ୍ତ ଚାଲିଥିବା ସମୟରେ ୯୦ ଦିନର ଛୁଟି ପାଇବାକୁ ହକ୍‌ଦାର । ଏହି ଛୁଟି ତାଙ୍କ ନିଜ ଛୁଟି ଖାତାରୁ କାଟି ନିଆଯାଏ ନାହିଁ । ଦିବ୍ୟାଙ୍ଗ ମହିଳା ଅଧିକାରୀମାନଙ୍କୁ ନବଜାତ ଶିଶୁର ଲାଳନପାଳନରେ ସହାୟତା ପାଇଁ ମାସିକ ଭତା ମିଳୁଛି । ସରକାରୀ କର୍ମଚାରୀଙ୍କ ଦିବ୍ୟାଙ୍ଗ ଶିଶୁ ପାଇଁ ଶିକ୍ଷା ଭତା ମଧ୍ୟ ଦୁଇଗୁଣ କରାଯାଇଛି । ଏସବୁ ମଧ୍ୟରୁ କୌଣସିଟି ଜିଡିପି ଚାର୍ଟରେ ଦେଖାଯିବ ନାହିଁ । କିନ୍ତୁ ଏହାର ପ୍ରଭାବ ଏଥିରେ ଦେଖାଯିବ ଯେ, ଜଣେ ମହିଳା ଏବେ ସରକାରୀ ସେବାରେ ରହିବାକୁ ବାଛୁଛନ୍ତି କି ନାହିଁ । ଏକ ଏପରି ସେବା, ଯାହାରୁ ସେ ଦୀର୍ଘ ସମୟ ଧରି ନିରବରେ ବାହାରେ ରହିଆସୁଥିଲେ । ଏହା ମଧ୍ୟ ଏଥିରେ ପ୍ରତିଫଳିତ ହେବ ଯେ, ସିଭିଲ୍ ସର୍ଭିସ୍ ସତ୍ୟନିଷ୍ଠାର ସହିତ କହିପାରୁଛି କି ନାହିଁ ଯେ ସେ ପ୍ରକୃତରେ ଲିଙ୍ଗ ସମାନତାକୁ କାର୍ଯ୍ୟକାରୀ କରୁଛି । କେବଳ ବର୍ଷକୁ ଥରେ ଏକ ବ୍ୟାନରରେ ପ୍ରଦର୍ଶନ କରୁନାହିଁ । ଏହାର କୌଣସି ମୂଲ୍ୟ ନାହିଁ, ଯଦି ଏହା ଜଣେ ସାଧାରଣ ନାଗରିକଙ୍କ ଜୀବନରେ କିଛି ପରିବର୍ତନ କରେ ନାହିଁ ଏବଂ ଏହା କରେ । ଗତ କିଛି ବର୍ଷ ମଧ୍ୟରେ ରୋଜଗାର ମେଳା ମାଧ୍ୟମରେ ବଂଟନ କରାଯାଇଥିବା ବାର ଲକ୍ଷରୁ ଅଧିକ ନିଯୁକ୍ତି ପତ୍ରରେ ଏହା ଅଛି, ଯାହା ସମ୍ପର୍କ ଏବଂ ପ୍ରଭାବର ପୁରୁଣା ମୁଦ୍ରା ବିନା ପ୍ରଦାନ କରାଯାଇଛି । ଏହା ମସୁରୀର ଏକ ସାଧାରଣ ଫାଉଣ୍ଡେସନ୍ କୋର୍ସରେ ଅଛି ଯେଉଁଠାରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ (ଆଇ.ଏ.ଏସ.) ଅଧିକାରୀ ଏବଂ ଜଣେ ଭାରତୀୟ ପୁଲିସ ସେବା (ଆଇ.ପି.ଏସ.) ଅଧିକାରୀ ନିଜ ନିଜ ବିଭାଗର ଅଲଗା ଦୁନିଆରେ ରହିବା ପରିବର୍ତ୍ତେ କାନ୍ଧକୁ କାନ୍ଧ ମିଳାଇ ପ୍ରଶିକ୍ଷଣ ନେଉଛନ୍ତି । ଏହା ଜଣେ ପେନସନଭୋଗୀଙ୍କ ମଧ୍ୟରେ ଅଛି ଯିଏ ଏବେ ବ୍ୟାଙ୍କ ଧାଡ଼ିରେ ଠିଆ ହେବା ପରିବର୍ତ୍ତେ ତାଙ୍କ ଘରୁ ଏକ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୃଷ୍ଟି କରିପାରିବେ, ଜଣେ ଯୁବ ଆଶାୟୀ ଯିଏ ପ୍ରତ୍ୟେକ ପରୀକ୍ଷା ପାଇଁ ସମାନ ଫର୍ମ ପୂରଣ କରିବା ପରିବର୍ତ୍ତେ ୟୁ.ପି.ଏସ.ସି. ପୋର୍ଟାଲରେ ଥରେ ପଞ୍ଜୀକରଣ କରିପାରିବେ, ସରକାରୀ ଚାକିରିରେ ଓ.ବି.ସି. ପ୍ରତିନିଧିତ୍ୱ ଯାହା ୨୦୧୪ ପରଠାରୁ ୧୯ ରୁ ୨୭ ପ୍ରତିଶତକୁ ବୃଦ୍ଧି ପାଇଛି । ବ୍ରିଟିଶରମାନେ ଆମକୁ ଯେଉଁ ଇସ୍ପାତ ଢାଂଚା ଛାଡି ଦେଇଥିଲେ ତାହା କେବେ ରାତାରାତି ଭାଙ୍ଗିଯିବାର ନଥିଲା ଏବଂ ଏହା ହେବା ଉଚିତ୍ ମଧ୍ୟ ନୁହେଁ; ପ୍ରତିଷ୍ଠାନଗୁଡ଼ିକ ସ୍ମୃତି ବହନ କରନ୍ତି, ଏବଂ ସ୍ମୃତିର ବ୍ୟବହାର ଅଛି । ଏହି ୧୨ ବର୍ଷ ମଧ୍ୟରେ ଆମେ ଏହାକୁ ପୁନର୍ନିର୍ମାଣ କରିବାକୁ ଚେଷ୍ଟା କରିଛୁ ନିରବରେ, ବିଭିନ୍ନ ସେବା ମାଧ୍ୟମରେ, ବିଭିନ୍ନ ନିୟମ ମାଧ୍ୟମରେ ଯାହାଦ୍ୱାରା ଯେଉଁ ଢାଂଚା କେବେ ଏକ ସାମ୍ରାଜ୍ୟକୁ ଧରି ରଖିଥିଲା, ସେହି ଢାଂଚା ଏବେ ସେହି ବ୍ୟବସ୍ଥାକୁ ସମର୍ଥନ ଦେଇପାରିବ, ଯାହାର ପ୍ରତିଶ୍ରୁତି ଆମ ସମ୍ବିଧାନ ନିଜ ଲୋକମାନଙ୍କୁ ଦେଇଥିଲା । ଏପରି ଏକ ସରକାର, ଯାହା ଶାସନ କରିବା ପରିବର୍ତ୍ତେ ସେବା କରିବ, ଏବଂ କେବଳ ପ୍ରଶାସନ ଚଳାଇବା ପରିବର୍ତ୍ତେ ଜନସାଧାରଣଙ୍କ ପ୍ରତି ଉତରଦାୟୀ ରହିବ ।


*(ଲେଖକ କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, କାର୍ମିକ, ପରମାଣୁ ଶକ୍ତି ଓ ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଅଟନ୍ତି ।)*





# ସାହିତ୍ୟରେ ନୂଆ ସ୍ପନ୍ଦନ ନେଇ ଆତ୍ମପ୍ରକାଶ କଲା ନୂଆ ତ୍ରିଭାଷୀ ପତ୍ରିକା 'ବାକୃତି'

ବାଲେଶ୍ୱର,(ନି.ପ୍ର.): ସମକାଳୀନ ସାହିତ୍ୟ ଜଗତରେ ଏକ ନୂଆ ସାହିତ୍ୟିକ ସ୍ପନ୍ଦନ ନେଇ ଭୁବନେଶ୍ୱରରୁ ପ୍ରକାଶ ପାଇଛି ନୂଆ ତ୍ରିଭାଷୀ ସାହିତ୍ୟ ପତ୍ରିକା 'ବାକୃତି' ବା 'VAKKRITI'। ନୂଆ ପ୍ରତିଭା, ନୂଆ ଅଭିବ୍ୟକ୍ତି ଓ ନୂଆ ସାହିତ୍ୟିକ ସ୍ୱରକୁ ଏକ ନୂତନ ମଂଚ ଦେବାର ପ୍ରତିଶ୍ରୁତି ନେଇ ପତ୍ରିକାଟିର ଆତ୍ମପ୍ରକାଶ ହୋଇଛି । ଏହାର ପ୍ରତିଷ୍ଠାତା-ସମ୍ପାଦିକା ଅମୃତା ଦାଶଙ୍କ ପ୍ରୟାସରେ ପତ୍ରିକାଟି ପ୍ରକାଶିତ ହୋଇଛି । ଅଗଷ୍ଟ ୨୦୨୬ର ପ୍ରଥମ ସଂଖ୍ୟା (Edition-I)ରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ କବିତା, ଗଳ୍ପ, ଗଦ୍ୟ ଓ




ନନ୍ ଫିକସନ୍ ରଚନା ସ୍ଥାନ ପାଇଛି । ଭାଷାର ବିବିଧତା ସହିତ ଭିନ୍ନ ଭିନ୍ନ ସାହିତ୍ୟିକ ଅନୁଭବ ଓ ଅଭିବ୍ୟକ୍ତିକୁ ଏକାଠି କରିବା ଏହି ସଂଖ୍ୟାର ଏକ ପ୍ରମୁଖ ବିଶେଷତ୍ୱ ।ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ 'ଅଭିବ୍ୟକ୍ତି, ବିବର୍ତ୍ତନ, ପ୍ରତିଧ୍ୱନି'ର ବାର୍ତ୍ତା ସହିତ ବିଶ୍ୱାୟନ, ସଂସ୍କୃତି ଅନାବରଣ ଓ ଭାରତୀୟ ସାହିତ୍ୟର ମୂଲ୍ୟାଙ୍କନ ଭଳି ବିଷୟକୁ ଏଥିରେ ପ୍ରମୁଖତା ଦିଆଯାଇଛି । ଏଥିରେ ଅନୁବାଦ କବିତାକୁ ମଧ୍ୟ ସ୍ଥାନ ମିଳିଛି । ଭାରତୀୟ ସାହିତ୍ୟର ଶାସ୍ତ୍ରୀୟ ମୂଳ ଓ ସମକାଳୀନ ରୂପକୁ ବିଭିନ୍ନ ଭାଷାରେ ଅନୁସନ୍ଧାନ କରିବା ସହ ଓଡ଼ିଶାର ଉପକୂଳୀୟ ସଂସ୍କୃତି ଓ ପ୍ରାଚୀନ ପୁରାଣକୁ ଆଧୁନିକ ରୂପ ସହ ଯୋଡ଼ିବାର ପ୍ରୟାସ ମଧ୍ୟ ମୁଖପୃଷ୍ଠାରୁ ସ୍ପଷ୍ଟ ହୋଇଛି ।

# ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ୍ ପକ୍ଷରୁ ସମଗ୍ର ଓଡ଼ିଶାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର, (ନି.ପ୍ର.): ମାନବାଧିକାର ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ଅଣ-ସରକାରୀ ସଂଗଠନ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ୍ (ସିଏଚଆରସି), ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ସାବିତ୍ରୀ ଦେବୀ ଚାରିଟେବଲ୍ ଟ୍ରଷ୍ଟର ସହଯୋଗରେ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହର ସହ ପାଳିତ ହୋଇଛି ।ଭାରତର ସ୍ୱାଧୀନତାର ୭୯ ବର୍ଷ ପୂର୍ତ୍ତି ଅବସରରେ ପୁରୀ ଜିଲ୍ଲାର ବ୍ରହ୍ମଗିରିସ୍ଥିତ ସୁନାମୁହିଁ, ଭଦ୍ରକ, ବାଲେଶ୍ୱର, ବାରିପଦା, କୋହି ଏବଂ କଟକ ସିଡିଏସ୍ଥିତ ସିଏଚଆରସି ମୁଖ୍ୟାଳୟରେ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଗୁଡ଼ିକରେ ସିଏଚଆରସିର ସଦସ୍ୟ, ସମାଜସେବୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକମାନେ ଯୋଗଦେଇ ଦେଶର ସ୍ୱାଧୀନତା ପାଇଁ ସାହସ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ସିଏଚଆରସିର ଜୀବନ ସଦସ୍ୟମାନଙ୍କ ମଧ୍ୟରେ ପ୍ରଫେସର ଜୟକୃଷ୍ଣ ମହାନ୍ତ, ପରେଶ ନାଥ ପାତ୍ର, ଶତ୍ରୁଜିତ ମହାପାତ୍ର, ରଞ୍ଜିତ ମଲ୍ଲିକ, ଗୋକୁଳି ଜେନା, ପ୍ରଦୀପ କୁମାର ମିଶ୍ର, ପ୍ରତାପ କେଶରୀ ଶତପଥୀ, ଦେବେନ୍ଦ୍ର କର, ଦାମୋଦର ବାରାଳ, ପ୍ରଫେସର ରଶ୍ମି ରାଉଳ, ସନ୍ଧ୍ୟାରାଣୀ ମହାନ୍ତ, କୁସୁମାଞ୍ଜଳି ଜେନା, ଡ. ଅଞ୍ଜଳି ଟିପିରିଆ, ଡ. ମନୋରଞ୍ଜନ ଦାସ ଓ ସଂସାରବିନ୍ଦୁ ପୃଷ୍ଟି ପ୍ରମୁଖ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନର ବ୍ୟବସ୍ଥା କରିଥିଲେ ।କଟକ ସିଡିଏସ୍ଥିତ ସିଏଚଆରସି ମୁଖ୍ୟାଳୟରେ ସିଏଚଆରସି ଅଧ୍ୟକ୍ଷ ଡ. ଗୋପବନ୍ଧୁ ମଲ୍ଲିକ ଜାତୀୟ ପତାକା ଉତୋଳନ କରିଥିଲେ । ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ତଥା



ବିଭାଗୀୟ ମୁଖ୍ୟ ପ୍ରଫେସର ନିରଞ୍ଜନ ବାରିକ, ଡ. ମନୋରଞ୍ଜନ ଦାସ, ସୁରେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ସଦସ୍ୟ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ନିରଞ୍ଜନ ବାରିକ ଭାରତର ପ୍ରାଚୀନ ମୂଳ, ସମୃଦ୍ଧ ସଭ୍ୟତା ଓ ଆଧ୍ୟାତ୍ମିକ ପରମ୍ପରା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ପାଇଁ ଦୀର୍ଘ ସଂଗ୍ରାମ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅସୀମ ସାହସ, ଦୃଢ଼ ସଂକଳ୍ପ ଓ ବଳିଦାନକୁ ସେ ସ୍ମରଣ କରିଥିଲେ ।ପ୍ରଫେସର ବାରିକ ନାଗରିକମାନଙ୍କୁ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମର୍ପିତ ରହିବା ସହ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଯୁବପିଢ଼ି ରାଷ୍ଟ୍ର ଗଠନରେ ସକ୍ରିୟ ଭୂମିକା ନେବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର କରିବାରେ ଅବଦାନ ଦେବାକୁ ସେ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ ସ୍ୱାଧୀନତାରେ ସୀମିତ ନୁହେଁ । ସାମାଜିକ ନ୍ୟାୟ, ମାନବୀୟ ମର୍ଯ୍ୟାଦା, ସମାନତା, ଶିକ୍ଷା, ସଶକ୍ତୀକରଣ ଏବଂ ସମାଜର ସମସ୍ତ ବର୍ଗ ପାଇଁ ସମାନ ସୁଯୋଗ ନିଶ୍ଚିତ କରିବା ମଧ୍ୟ ସ୍ୱାଧୀନତାର ଅବିଚ୍ଛେଦ୍ୟ ଅଂଶ ବୋଲି ସେ ମତପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସୁରେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମ୍ମାନ ।ଭାରତୀୟ ଜୀବନ ବୀମା ନିଗମର ପୂର୍ବତନ ଉପ ଜୋନାଲ୍ ମ୍ୟାନେଜର ଶ୍ରୀ ଆଚାର୍ଯ୍ୟଙ୍କୁ ଯୁବ ସଶକ୍ତୀକରଣ ଓ ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସିଏଚଆରସି ପକ୍ଷରୁ ପ୍ରଶସ୍ତିପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଯୁବପିଢ଼ିଙ୍କୁ ଉତ୍ସାହିତ କରିବା, ସେମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟରେ ନିରନ୍ତର ଅବଦାନ ପାଇଁ ତାଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା । ଏହି ଅବସରରେ ସିଏଚଆରସି ଅଧ୍ୟକ୍ଷ ଡ. ଗୋପବନ୍ଧୁ ମଲ୍ଲିକ କହିଥିଲେ ଯେ ସ୍ୱାଧୀନତା ଦିବସ କେବଳ ଦେଶର ସ୍ୱାଧୀନତାର ଉତ୍ସବ ପାଳନ କରିବାର ଅବସର ନୁହେଁ, ବରଂ ସମାଜ ଓ ରାଷ୍ଟ୍ର ପ୍ରତି ନିଜ ଦାୟିତ୍ୱ ସମ୍ପର୍କରେ ନାଗରିକମାନେ ଆତ୍ମସମୀକ୍ଷା କରିବାର ମଧ୍ୟ ଏକ ସୁଯୋଗ ।ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ମାନବାଧିକାର, ବ୍ୟକ୍ତିଗତ ମର୍ଯ୍ୟାଦା, ଆଇନ ଆଗରେ ସମାନତା ଏବଂ ନ୍ୟାୟ ପାଇବାର ସମାନ ସୁଯୋଗର ସୁରକ୍ଷା ଆବଶ୍ୟକ ବୋଲି ସେ କହିଥିଲେ । ଭେଦଭାବ, ଶୋଷଣ ଓ ଅନ୍ୟାୟ ବିରୋଧରେ ଠିଆ ହେବା ସହ ଦୁର୍ବଳ ଓ ଅବହେଳିତ ବର୍ଗଙ୍କ କଲ୍ୟାଣ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଡ. ମଲ୍ଲିକ କହିଥିଲେ ଯେ ସିଏଚଆରସି ସମଗ୍ର ଓଡ଼ିଶାରେ ମାନବାଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ମାନବିକତା, ସାମାଜିକ ଦାୟିତ୍ୱ ଓ ସେବାର ଭାବନାକୁ ପ୍ରୋତ୍ସାହିତ କରିବାର ପ୍ରୟାସ ଜାରି ରଖିବ । ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଏବଂ ସିଏଚଆରସି ସଦସ୍ୟମାନଙ୍କ ପକ୍ଷରୁ ସମ୍ବିଧାନର ଆଦର୍ଶକୁ ସମ୍ମାନ କରିବା, ସାମ୍ପ୍ରଦାୟିକ ସଦ୍ ?ଭାବ ବଜାୟ ରଖିବା ଏବଂ ମାନବାଧିକାର, ସାମାଜିକ ନ୍ୟାୟ ଓ ରାଷ୍ଟ୍ର ଗଠନ ଦିଗରେ ନିରନ୍ତର କାର୍ଯ୍ୟ କରିବାର ସାମୂହିକ ଶପଥ ଗ୍ରହଣ ସହ ସମାରୋହ ଉଦ୍ଯାପିତ ହୋଇଥିଲା ।

# ଧାମନଗର: ବନ୍ୟା ବିଭୀଷିକାରେ ୫ ଦିନ ପରେ ନିଖୋଜ ସ୍ୱର୍ଣ୍ଣଚନ୍ଦ୍ର ଉଦ୍ଧାର

ଧାମନଗର (ନି.ପ୍ର.): ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତ ର ବାଲିପାଟଣା ଗ୍ରାମର ଜଣେ ବ୍ୟକ୍ତି ୫ ଦିନ ଧରି ନିଖୋଜ ଥିବା ବେଳେ ଓଡ୍ରାଫ ଟିମ ଓ ବାଲିପାଟଣା ମେଡ଼ିକାଲ କର୍ମଚାରି ମାନେ ଉଦ୍ଧାର କରୁଛନ୍ତି । ସୁଚନା ଥାଉକି ବାଲିପାଟଣା ଗ୍ରାମର ପ୍ରଭାକର ବେହେରା ଙ୍କ ପୁଅ ସ୍ୱର୍ଣ୍ଣ ଚନ୍ଦ୍ର ବେହେରା( ୩୫) ଚାଷ ଜମିକୁ ଯାଇ ଥିବାବେଳେ ବନ୍ୟା ପାଣି ଆସିବା ଦ୍ୱାରା ସେ ଆଉ ଘରକୁ ଆସିପାରି ନଥିଲା । ଉକ୍ତ ଅଂଚଳ ରେ ବନ୍ୟା ଜଳ ପ୍ରଖର ଥିବାରୁ ଖୋଜା ଖୋଲି ହୋଇ ପାରିନଥିଲା,ତେବେ ମଙ୍ଗଳବାର ଦିନ ପୁଣି ଓଡ୍ରାଫ୍ ଟିମ ଓ ବାଲିପାଟଣା ମେଡିକାଲ୍ ର ଡାକ୍ତର ଜନ୍ମ ଜୟ ଦ୍ୱିବେଦୀ,ଫାର୍ମାସିଷ୍ଟ ରାକେଶ ବିଶ୍ୱାଳ , ଏଲ ଟି ସତ୍ୟଜିତି ଦାସ ପ୍ରମୁଖ ବୋଟ ଦ୍ୱାରା ଖୋଜୁ ଥିବା ବେଳେ ସ୍ଥାନୀୟ ବାଜାପତି ପଡ଼ିଆ ଅଂଚଳରୁ ଉଦ୍ଧାର କରାଯାଇ ଥିଲା ସେ ଏକ ତାଳ ଗଛକୁ ଧରି ରହି ଥିଲା । ପରେ ତୁରନ୍ତ ବାଲିପାଟଣା ମେଡିକାଲ କୁ ନିଆଯାଇ ଭର୍ତି କରାଇଛି । ସେଠାରେ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।୫ ଦିନ ହେବ ପାଣି ରହି ଥିବାରୁ ସେ ଦୃବଳ ହୋଇ ପଡ଼ିଥିଲା ।ତେବେ ସେସବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଓଡ୍ରାଫ ଟିମ ଓ ମେଡିକାଲ ଟିମ୍ ସାହସିକ ଉଦ୍ଧାର ସହ ଚିକିତ୍ସା ଜାରି ରଖି ଥିବାରୁ ତାଙ୍କୁ ସ୍ଥାନୀୟ ଅଂଚଳ ତରଫରୁ ପ୍ରଶଂଶା କରାଯାଇଛି ।

# ହୁମ୍ମାରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର(ନି.ପ୍ର.): ଗଞ୍ଜାମ ଜିଲ୍ଲାର ହୁମ୍ମାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ ପରିସରରେ ଆର୍ଥିକ ସାକ୍ଷରତା ଅଭିଯାନ, ସାଇବର ସୁରକ୍ଷା ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ସମାଜ ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାଶ, ଏଏସ୍ ?ପି ଛତ୍ରପୁର ସି.ଏଚ୍. ଜୱାହାର ଏବଂ



ସାଇବର ପୋଲିସ ଷ୍ଟେସନ, ଛତ୍ରପୁରର ଏସ୍ ?ଆଇ କିରଣ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସଚେତନତା ଓ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ବିଶେଷକରି ଡିଜିଟାଲ୍ ଯୁଗରେ ଅନଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ବ୍ୟାଙ୍କିଙ୍ଗ୍ ସେବାର ସୁରକ୍ଷିତ ବ୍ୟବହାର, ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ସନ୍ଦେହଜନକ ଲିଙ୍କ୍, କଲ୍ ଓ ବାର୍ତ୍ତା ପ୍ରତି ସତର୍କ ରହିବା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା ।ଏହାସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ । ଭାରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ସ୍ୱର୍ଗତ ଡ଼ାକ୍ତର ଦୁବେଙ୍କ ସ୍ମୃତି ଉଦ୍ଦେଶ୍ୟରେ ୬ଟି ସିସିଟିଭି କ୍ୟାମେରା ହକି ଆସୋସିଏସନକୁ ପ୍ରଦାନ

ଝାରସୁଗୁଡା(ନି.ପ୍ର.)-ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲ୍ଲାରେ କାର୍ଯ୍ୟରତ ଥିବା ପୁର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମେଡ଼ିସିନ ସ୍ପେସାଲିଷ୍ଟ ତଥା କ୍ରୀଡ଼ାବିତ ସ୍ୱର୍ଗତ ଡଃ ଶଖାରାମ ଦୁବେଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ପତ୍ନୀ ରାଜକୁମାରୀ ଦୁବେ ଜିଲ୍ଲା ହକି ଆସୋସିଏସନକୁ ୬ଟି ସିସିଟିଭି କ୍ୟାମେରା ସ୍ୱାଧୀନତା ଦିବସରେ ପ୍ରଦାନ କରିଛନ୍ତି । ତାଙ୍କ ପତ୍ନୀ ପ୍ରକାଶ କରିଛନ୍ତି ଯେ ଡଃ ଶଖାରାମ ଦୁବେ ବୁର୍ଲା ମେଡ଼ିକାଲ କଲେଜରେ ପାଠ ପଢିବା ସମୟରେ ମେଡ଼ିକାଲ କଲେଜରୁ ପ୍ରତିନିଧିତ୍ୱ କରି ୟୁନିଭର୍ସିଟି କ୍ରୀଡ଼ାରେ ପଦକ ଲାଭ କରିଥିଲେ। ସେହି ପରି ଜେ.ଡ଼ି.ଏସ. ହୋମିଓପ୍ୟାଥି ଡ଼ାକ୍ତରଖାନା ର ମୁଖ୍ୟ ଡଃ ଜର୍ଣଲୋକ ଶର୍ମା ଙ୍କ ତରଫରୁ ହକି ଆସୋସିଏସନକୁ ୪ଟି ଓ୍ୱାକି ଟକି ପ୍ରଦାନ କରାଯାଇଛି । ହକି ଆସୋସିଏସନର ଗତ ୪ ବର୍ଷର ଉନ୍ନତୀମୁଳକ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବିଭିନ୍ନ ବ୍ୟକ୍ତି ମାନେ ହକି ସରଞ୍ଜାମ ମାନ ପ୍ରଦାନ କରୁଛନ୍ତି । ହକି ଆସୋସିଏସନ ତରଫରୁ ଶ୍ରୀମତୀ ଦୁବେ ଓ ଜେ.ଡ଼ି.ଏସ. ଡ଼ାକ୍ତରଖାନାର ନିର୍ଦ୍ଦେଶକ ଡ଼ାକ୍ତର ଶର୍ମାଙ୍କୁ ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି କୃତଜ୍ଞତା ଜଣାଇଛନ୍ତି ।

# ରାସ୍ତା କାଦୁଅ ପଚପଚ ଅଭିଯୋଗ ଆଣିଲେ ଗ୍ରାମବାସୀ

ସିମୁଳିଆ, (ନି.ପ୍ର )-ଦୀର୍ଘ ଦିନ ଧରି କାଦୁଅ ରାସ୍ତାରେ ଚାଲୁଥିବା ଅଂଚଳ ବାସୀ ବହୁବାର ନେତାଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ବି କେହି ତାଙ୍କ କଥା ଶୁଣୁ ନ ଥିବା ପ୍ରକାଶ କରିଛନ୍ତି କ୍ଷ ସେହି ରାସ୍ତାଟିକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ନିକଟରେ ଅଭିଯୋଗ କରିବା ପରେ ରାସ୍ତା କରାଇ ଦେବାର ପ୍ରତିଶୃତି ଦେବାପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଦେଖିବାକୁ ମିଳିଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ପୁରୁଷୋତମପୁର ପଂଚାୟତର ରଘୁନାଥପୁର ଗ୍ରାମର ସଂଖ୍ୟା ଲଘୁ ସାମ୍ପ୍ରଦାୟର ତିନି ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି କ୍ଷ ମାତ୍ର ଦୀର୍ଘଦିନ ହେବ ସଦାନନ୍ଦପୁର ରାସ୍ତାରୁ ପଣସପଦୀ ପର୍ଯ୍ୟନ୍ତ ୩କିମି ରାସ୍ତା ଅତି ଦହନୀୟ ଅବସ୍ଥାରେ ଅଂଚଳବାସୀ ଜୀବନ ଜାପନ କରି ଆସୁଥିଲେ କ୍ଷ ବାରମ୍ୱାର ନେତା ଠାରୁ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା କ୍ଷ ଶେଷରେ ଗ୍ରାମବାସୀ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ କହିବା ପରେ ଶ୍ରୀ ପଣ୍ଡା ସେହି ରାସ୍ତାକୁ ପରିଦର୍ଶନ କରିବା ସହ ତୁରନ୍ତ ନିଜସ୍ୱ ଅର୍ଥ ପାଣ୍ଠିରେ ମେଂଟାଲ ପକାଇବା ସହ ନୂତନ ରାସ୍ତା ନିର୍ମାଣ ନିମନ୍ତେ ପ୍ରତିଶୃତି ଦେଇଥିଲେ ।

# ନଷ୍ଟ ହେଉଛି ଓପେନ୍ ଜିମ୍ ସାମଗ୍ରୀ, ଅବହେଳିତ ଏମଭି-୭୯ ଶିଶୁ ଉଦ୍ୟାନ

ଭୁବନେଶ୍ୱର: ଦିନେ ଯେଉଁ ସ୍ଥାନରେ ଶିଶୁମାନଙ୍କ ହସ ଓ ଖେଳକୁଦରେ ପରିବେଶ ମୁଖରିତ ହେଉଥିଲା, ଆଜି ସେହି ସ୍ଥାନ ଅବହେଳା ଓ ଜଙ୍ଗଲିଆ ପରିବେଶରେ ପଡ଼ି ରହିଛି । ଏମଭି-୭୯ ଅଂଚଳର ପୁରୁଣା ଶିଶୁ ଉଦ୍ୟାନର ପୁନରୁଦ୍ଧାର ଲକ୍ଷ୍ୟରେ ଜଙ୍ଗଲ ସଫା କରାଯାଇ ଓପେନ୍ ଜିମ୍‌ର ବିଭିନ୍ନ ସାମଗ୍ରୀ ଲଗାଯାଇଥିଲା । ଏହାକୁ ନେଇ ଅଂଚଳବାସୀଙ୍କ ମନରେ ନୂଆ ଆଶା ସୃଷ୍ଟି ହୋଇଥିଲା ।ସ୍ଥାନୀୟ ଲୋକଙ୍କ ଆଶା ଥିଲା, ପୁରୁଣା ଶିଶୁ ଉଦ୍ୟାନର ପୁନରୁଦ୍ଧାର ସହ ପୋଖରୀ ନିକଟରେ ବୋଟିଂ ପଏଂଟ ଭଳି ଆକର୍ଷଣୀୟ ବ୍ୟବସ୍ଥା କରାଯିବ । ଏହା ଶିଶୁ, ଯୁବକ ଓ ସାଧାରଣ ଲୋକଙ୍କ ପାଇଁ ଏକ ଭଲ ମନୋରଞ୍ଜନ ଓ ବ୍ୟାୟାମସ୍ଥଳୀ ହୋଇପାରିବ ବୋଲି ଅଂଚଳବାସୀ ଆଶା ବାନ୍ଧିଥିଲେ । କିନ୍ତୁ ଏହି ଆଶା ଏବେ ମଉଳିବାକୁ ବସିଛି ।ବର୍ତ୍ତମାନ ଓପେନ୍ ଜିମ୍ ?ର ସାମଗ୍ରୀଗୁଡ଼ିକ ଯତ୍ନ ଅଭାବରୁ ଜଙ୍ଗଲିଆ ପରିବେଶ ମଧ୍ୟରେ ପଡ଼ି ରହିଛି । ନିୟମିତ ରକ୍ଷଣାବେକ୍ଷଣ ନହେଲେ ଏହି ସରକାରୀ ସମ୍ପତି ନଷ୍ଟ ହେବା ସହ ଲୋକଙ୍କ କାମରେ ମଧ୍ୟ ଆସିବ ନାହିଁ । ଏହି ସାମଗ୍ରୀଗୁଡ଼ିକୁ ଏପରି ଏକ ସାର୍ବଜନୀନ ସ୍ଥାନରେ ସ୍ଥାପନ କରାଗଲେ ଭଲ ହୁଅନ୍ତା, ଯେଉଁଠାରେ ଅଧିକ ସଂଖ୍ୟକ ଲୋକ ନିୟମିତ ଭାବେ ଏହାର ଉପଯୋଗ କରିପାରିବେ ବୋଲି ସ୍ଥାନୀୟ ଯୁବବର୍ଗ କହିଛନ୍ତି ।ଅନ୍ୟପଟେ, ଜିଲ୍ଲାରେ 'ପ୍ରଗତି ପଥେ ମାଲକାନଗିରି' ଯୋଜନା ଅଧୀନରେ ପ୍ରତ୍ୟେକ ପଂଚାୟତରେ ଜିମ୍ ସେଂଟର ନିର୍ମାଣ କରାଯାଉଛି । ହେଲେ ତଣ୍ଡାବାଇ ପଂଚାୟତ ଅଧୀନ ଏମଭି-୭୯ରେ ଜିମ୍ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଅତି ମନ୍ଥର ଗତିରେ ଚାଲିଥିବାରୁ ଅଂଚଳର ଯୁବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।କାମ କରୁଥିବା ଠିକାଦାରଙ୍କ କହିବା ଅନୁଯାୟୀ, ପଂଚାୟତର ପିଇଓ ପରିବର୍ତନ ଯୋଗୁଁ କାର୍ଯ୍ୟରେ କିଛି ବିଳମ୍ବ ହୋଇଛି । ଏବେ କାମ ଶେଷ ହେବା ଉପରେ ଥିବା ବେଳେ ଜିମ୍ ପାଇଁ ଆବଶ୍ୟକ ସମସ୍ତ ଉପକରଣ ଏପର୍ଯ୍ୟନ୍ତ ଆସିପାରି ନାହିଁ ।ଏମଭି-୭୯ ଏକ ବଡ଼ ଅଂଚଳ ହୋଇଥିବା ବେଳେ ଏଠାରେ ବହୁ ସଂଖ୍ୟକ ଯୁବକ, ସ୍କୁଲ, କଲେଜ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ରହିଛି । ଜିମ୍ କରିବା ପାଇଁ ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଭଲ ଆଗ୍ରହ ରହିଛି । ତେଣୁ ଏଠାରେ ଅଧିକ ସଂଖ୍ୟକ ଜିମ୍ ସାମଗ୍ରୀ ଯୋଗାଇବା ସହ ପୁରୁଣା ଓପେନ୍ ଜିମ୍ ସାମଗ୍ରୀର ଉପଯୁକ୍ତ ସ୍ଥାନାନ୍ତର ଏବଂ ରକ୍ଷଣାବେକ୍ଷଣ କରାଯିବାକୁ ଦାବି ହୋଇଛି । ସରକାରୀ ଅର୍ଥରେ ଆସିଥିବା ଓପେନ୍ ଜିମ୍ ସାମଗ୍ରୀ ନଷ୍ଟ ହେବା ପୂର୍ବରୁ ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ସାର୍ବଜନୀନ ସ୍ଥାନରେ ସ୍ଥାପନ କରିବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ଅଂଚଳର ଯୁବବର୍ଗ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

ଝାରସୁଗୁଡ଼ା, (ନି.ପ୍ର.): ଝାରସୁଗୁଡ଼ାର ଐତିହାସିକ ଶିକ୍ଷାନୁଷ୍ଠାନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହ ଓ ଉତ୍ସାହ-ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଶିକ୍ଷା, ସଂସ୍କୃତି ଓ ସେବା କ୍ଷେତ୍ରରେ ଦୀର୍ଘ ୫୭ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି ଆୟୋଜିତ ଏହି ଉତ୍ସବରେ ପୁରାତନ ଓ ନୂତନ ପିଢ଼ିର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା ।କଲେଜ ଅଧ୍ୟକ୍ଷ ଡ. ସୁମନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଝାରସୁଗୁଡ଼ା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି, ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା ସମିତିର ସଭାପତି ବ୍ରଜବନ୍ଧୁ ଭୋଇ ସମ୍ମାନିତ ଅତିଥି ଏବଂ ପ୍ରଫେସର ରବିନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କଲେଜ ଆଲୁମିନି ଆସୋସିଏସନର ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଓ ପ୍ରାଧ୍ୟାପିକା ଡ. ଗୀତାରାଣୀ ଦୀକ୍ଷିତ ମଂଚାସୀନ ଅତିଥି ଭାବେ



ଉପସ୍ଥିତ ଥିଲେ ।ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଶ୍ରୀମତୀ ପୂର୍ଣ୍ଣିମାମୟୀ ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ମୁଖ୍ୟ ଅତିଥି ଟଙ୍କଧର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟକୁ ଝାରସୁଗୁଡ଼ାର ଶିକ୍ଷା ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଅଭିହିତ କରିବା ସହ କଲେଜର ସର୍ବାଙ୍ଗୀଣ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଦୃଢ଼ ଆଶ୍ୱାସନ ଦେଇଥିଲେ । ଶିକ୍ଷା, ଭିତିଭୂମି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।ମୁଖ୍ୟବକ୍ତା ପ୍ରଫେସର ରବିନାରାୟଣ ପାଣିଗ୍ରାହୀ କଲେଜର ଗୌରବମୟ ଅତୀତ, ବର୍ତ୍ତମାନର ଅବଦାନ ଓ ଭବିଷ୍ୟତର ଦାୟିତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନେ ଜ୍ଞାନ ସହିତ ମୂଲ୍ୟବୋଧ, ଶୃଙ୍ଖଳା ଓ ମାନବିକତାକୁ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଗତ ଶିକ୍ଷାବର୍ଷରେ ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ମେଧାବୀ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା । ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ ପ୍ରଦର୍ଶନ କରିଥିଲେ । ଉତ୍ସବରେ କଲେଜର ଅନେକ ପୂର୍ବତନ ଅଧ୍ୟକ୍ଷ, ଅବସରପ୍ରାପ୍ତ ଓ ବର୍ତ୍ତମାନର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ବର୍ତ୍ତମାନର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ବ୍ରହ୍ମପୁର ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ "ମା' ତୁଝେ ସଲାମ୍ – ୨୦୨୬" ର ଆହ୍ୱାନ

ବ୍ରହ୍ମପୁର,(ନି.ପ୍ର.): ୮୦ ତମ ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁର ର ଅଗ୍ରଣୀ ସାମଜିକ ଅନୁଷ୍ଠାନ କ୍ରାନ୍ତି ତରଫରୁ ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟ ପରିସରରେ ରଙ୍ଗାରଙ୍ଗ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ "ମା' ତୁଝେ ସଲାମ୍? – ୨୦୨୬" ରେ ଆହ୍ୱାନ ' ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ, ଏମାନଙ୍କୁ ସ୍ୱାଧୀନତା ଦିବସରେ ଦିଅନ୍ତୁ ଦେଶପ୍ରେମର ବାର୍ତ୍ତା ସହ ପିଲାମାନଙ୍କୁ ନିଶା ଆଉ ମୋବାଇଲ୍ ଠାରୁ ଦୂରେଇ ରଖନ୍ତୁ,ସେମାନଙ୍କର ମାନସିକ ଓ ଶାରୀରିକ ବିକାଶ ପାଇଁ ଯତ୍ନ ନିଅନ୍ତୁ ।'କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ ଦେବାନନ୍ଦ ଦାଶ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଉପଢ଼ୌକନ ସହିତ ତ୍ରିରଙ୍ଗା ପତାକା ଦେଇ ସମ୍ମାନୀତ କରିଥିଲେ ।କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ ମ ଆଇ ଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ର ସଭାପତି ଡ ଭଗବାନ ଗନ୍ତାୟତ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଏମ୍ କେ ସି ଜି ମେଡିକାଲ କଲେଜ ଓ ହସ୍ପିଟାଲର ଚେଷ୍ଟ ଓ ଟିବି ବିଭାଗର ପୂର୍ବତନ ପ୍ରଫେସର ଡଃ ନାରାୟଣ ମିଶ୍ର ଯୋଗଦେଇଥିବା ବେଳେ ଅବସର ପ୍ରାପ୍ତ ସିନିୟର୍ ସୁପରିଟେଡେଂଟ ଅଫ ପୋଲିସ ଶ୍ରୀ ଜୟରାମ ଶତପଥୀ ,ବ୍ରହ୍ମପୁର ଏମ୍ କେ ସି ଜି ମେଡିକାଲ କଲେଜ ଓ ହସ୍ପିଟାଲର ଶିଶୁ ବିଭାଗ ପ୍ରଫେସର ମାନସ ରଞ୍ଜନ ମଲ୍ଲିକ, ବ୍ରହ୍ମପୁର ରୋଟାରୀ ସେଂଟ୍ରାଲ ର ସଭାପତି ଶ୍ରୀ ଶ୍ରୀକାନ୍ତ ସାବତ, ଆଇ ଏସ ଆର ଡି ନିର୍ଦ୍ଦେଶକ ସୁଧୀର ସାବତ, ଯୁବ ସମାଜସେବୀ ତଥା ରଶ୍ମି ଏଂଟରପ୍ରାଇଜେସ ମାଲିକ କେ.ରାଜ କୁମାର ସେନାପତି, ବ୍ରହ୍ମପୁର ଗାୟତ୍ରୀ ପୀଠ ମୁଖ୍ୟ ପରିଚାଳକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ହିଞ୍ଜିଳିକାଟୁ ସରକାରୀ ଆଇ ଟି ଆଇ ର ଅଧ୍ୟକ୍ଷ ଇଁ ରବିନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ୱ ଉପରେ ଆଲୋକ ପାତ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମୋବାଇଲ୍ ଆଉ ଜଙ୍ଗ ଫୁଡ୍ ଠାରୁ ଦୁରେଇ ରହିବା ପାଇଁ ଉପଦେଶ ଦେଇ ଦେଶ ମାତୃକା ଉପରେ ଦିଗ୍ ?ଦର୍ଶନ ଦେଇ ଉତ୍ସାହିତ କରିଥିଲେ ।

ପିଲାମାନଙ୍କୁ ନିଶା ଠାରୁ ଦୂରେଇ ରଖିବା ପାଇଁ ପିତାମାତାଙ୍କ ସଚେତନତା ଏବଂ ଖୋଲା ଆଲୋଚନା ଅତ୍ୟନ୍ତ ଜରୁରୀ । ପିଲାଙ୍କ ସହ ବନ୍ଧୁତ୍ୱ ପୂର୍ଣ୍ଣ ବ୍ୟବହାର କରନ୍ତୁ, ସେମାନଙ୍କର ଗତିବିଧି ଉପରେ ନଜର ରଖନ୍ତୁ ଏବଂ ନିଶାର କୁପରିଣତି ସମ୍ପର୍କରେ ସଚେତନ କରାନ୍ତୁ । କ୍ରାନ୍ତି ଅନୁଷ୍ଠାନ ର ଡ ଦେବାନନ୍ଦ ଦାଶ ବକ୍ତବ୍ୟ ରଖିବା ସହ ଉପସ୍ଥିତ ସମସ୍ତଙ୍କୁ ନିଶା ମୁକ୍ତ ଭରତ ଗଠନ ପାଇଁ ଶପଥ ପାଠ କରାଇଥିଲେ ।




ଉକ୍ତ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ମା ତୁଝେ ସଲାମ୍ ରେ ୧୦ଟି ସ୍କୁଲ ଦଳ ଗତ ନୃତ୍ୟ ପରିବେଷଣ କରିଥିଲେ । କ୍ରାନ୍ତି ଅନୁଷ୍ଠାନ ର କୁନି କୁନି କଳାକାର ମାନଙ୍କ ସନ୍ଦେଶ ଆତେ ହେ... ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନକୁ ମୋହିତ କରିପାରିଥିଲା । ଗଞ୍ଜାମ ଜିଲ୍ଲାର ୪୦ ଟି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ପ୍ରାୟ ୯୦୦ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ,ପରମାନନ୍ଦ ପଣ୍ଡା, ଅନିଲ୍ କୁମାର ସେଠୀ, ଯାଇ ଲାବନ୍ୟା,ଧନଞ୍ଜୟ ପାଣିଗ୍ରାହି, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ,ସଞ୍ଜୟ ପାତ୍ର, ଓମ୍ ପ୍ରସାଦ ଗୌଡ ଙ୍କ ସମେତ ଆଇ ଏସ ଆର ଡି ର ପ୍ରଭାତ କୁମାର ପାଢ଼ୀ, ଶୟନୀ ମଲ୍ଲିକ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ, ଶେଷରେ ଦେବରାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।




## ନୀତି ଉପରେ କୌଣସି ଆପୋଷ ବୁଝାମଣା ନକରିବା ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ, ସବୁଦିନ ପରି, ଏକ ପ୍ରସିଦ୍ଧ ସଂସ୍କୃତ ଶ୍ଲୋକା (ସୁଭାସିତମ୍) ମାଧ୍ୟମରେ କହିଛନ୍ତି ଯେ ସମସ୍ତେ ସର୍ବଦା ଆତ୍ମସମ୍ମାନ ଏବଂ ଆତ୍ମସମ୍ମାନ ସହିତ ବଂଚିବା ଉଚିତ୍ । ସେ କହିଛନ୍ତି ଯେ ପ୍ରକୃତ ପୁରୁଷତ୍ୱ ଏବଂ ବୀରତ୍ୱ ଏଥିରେ ନିହିତ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କୌଣସି ପରିସ୍ଥିତିରେ କୌଣସି ନୀତି ଉପରେ ଆପୋଷ ବୁଝାମଣା କରିବା ଉଚିତ ନୁହେଁ । 'ଉଦୟଚାଦେବ ନା ନାମାଙ୍କିତ୍ୟାମୋ ହେ ପୁରୁଷମ୍ । ଅପ୍ୟା ପର୍ବନୀ ଭଜିତା ନା ନାମଦ୍ବେ କୁଚିତ୍ । ଏହି ପ୍ରସିଦ୍ଧ ସଂସ୍କୃତ ପଦଟି ମହାଭାରତର ଉଦ୍ୟୋଗ ପର୍ବରୁ ନିଆଯାଇଛି ।

## ଓଡ଼ିଶାର ୧୦ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର: ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓଡ଼ିଶାର ୧୦ଟି ଜିଲ୍ଲାକୁ ଏକ ସତର୍କ ସୂଚନା ଜାରି କରିଛି । ଘଡ଼ଘଡ଼ି ଏବଂ ବଜ୍ରପାତ ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ସତର୍କତା ଜାରି କରାଯାଇଛି । ମଙ୍ଗଳବାର ସକାଳେ ଜାରି ହୋଇଥିବା ସତର୍କତା ଅନୁଯାୟୀ, ଆଗାମୀ ତିନି ଘଂଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡ଼ା, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ମୟୂରଭଞ୍ଜ ଜିଲ୍ଲାର କିଛି ସ୍ଥାନରେ ଝଡ଼ବର୍ଷା ସହିତ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି । ପ୍ରଭାବିତ ଅଂଚଳର ଲୋକମାନଙ୍କୁ ସତର୍କ ରହିବାକୁ, ପାଣିପାଗ ଅପଡେଟ୍ ଉପରେ କଡ଼ା ନଜର ରଖିବାକୁ ଏବଂ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଆଇଏମଡି ପରାମର୍ଶ ଦେଇଛି ।






## ଉତରାଖଣ୍ଡକୁ ଦୁଇ ଦିନିଆ ଗସ୍ତରେ ଯିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ୧୯ ଏବଂ ୨୦ ଅଗଷ୍ଟରେ ଉତରାଖଣ୍ଡର ଦୁଇ ଦିନିଆ ଗସ୍ତରେ ରହିବେ । ଏହି ସମୟରେ ସେ ଦେହରାଦୁନସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ବନ ଏକାଡେମୀ (ଆଇଜିଏନଏଫଏ) ରେ ଭାରତୀୟ ବନ ସେବାର ପ୍ରଶିକ୍ଷୁ ଅଧିକାରୀମାନଙ୍କ ସହ ବାର୍ତାଳାପ କରିବେ ଏବଂ ମସୁରୀସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନ ଏକାଡେମୀ (ଏଲବିଏସଏନଏଏ)ରେ ଆଇଏଏସ ବୃତିଗତ ପାଠ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଉପରାଷ୍ଟ୍ରପତି ସଚିବାଳୟ ମଙ୍ଗଳବାର କହିଛି ଯେ ଉପରାଷ୍ଟ୍ରପତି ୧୯ ଅଗଷ୍ଟରେ ଆଇଜିଏନଏଫଏ ପରିଦର୍ଶନ କରିବେ ଏବଂ ଭାରତୀୟ ବନ ସେବାର ୨୦୨୫-୨୭ ବ୍ୟାଚର ପ୍ରଶିକ୍ଷୁ ଅଧିକାରୀମାନଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହ ସଂଳାପ କରିବେ । ସେ ୨୦ ଅଗଷ୍ଟରେ ମସୁରୀସ୍ଥିତ ଏଲବିଏସଏନଏଏରେ ୨୦୨୪ ବ୍ୟାଚର ଆଇଏଏସ ଅଧିକାରୀମାନଙ୍କ ବୃତିଗତ ପାଠ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ସମାପନ ସମାରୋହରେ ମୁଖ୍ୟ ଅତିଥି ହେବେ । ଏକାଡେମୀ ଗସ୍ତ ସମୟରେ ଉପରାଷ୍ଟ୍ରପତି ସର୍ଦାର ବଲ୍ଲଭଭାଇ ପଟେଲ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ପୁଷ୍ପାଞ୍ଜଳି ମଧ୍ୟ ଅର୍ପଣ କରିବେ ।

## ବ୍ରିଜ ଭାରତ ସମ୍ମିଳନୀ ୨୦୨୬ : କର୍ପୋରେଟ ସଂସ୍ଥାଗୁଡ଼ିକ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଲେ ରାଜ୍ୟପାଳ

ଭୁବନେଶ୍ୱର : କେବଳ ଆଇନ ଗତ ଅନୁପାଳନ ମଧ୍ୟରେ ସୀମିତ ନ ରହି କର୍ପୋରେଟ ସଂସ୍ଥାଗୁଡ଼ିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ମଙ୍ଗଳବାର ଦିନ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ସାଧାରଣ ଉଦ୍ୟୋଗ (ପବ୍ଲିକ ଏଂଟରପ୍ରାଇଜେସ) ବିଭାଗ ସହଯୋଗରେ ଏବଂ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଓ ଫ୍ରିଡମ ଏଡୁର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବ୍ରିଜ ଭାରତ ସମ୍ମିଳନୀ ୨୦୨୬ ଓ "କର୍ପୋରେଟ ସାମାଜିକ ଦାୟିତ୍ୱ: ଦେଖାଯାଉଥିବା ସମସ୍ୟା ଓ ଚ୍ୟାଲେଞ୍ଜ" ଶୀର୍ଷକ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କମ୍ପାନି ଆଇନ ୨୦୧୩ ଅଧୀନରେ ଭାରତର ସିଏସଆର ଢାଂଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି । ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆ ଯାଇପାରୁଛି । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଅନୁପାଳନ କେବେବି



ସିଏସଆରର ଲକ୍ଷ୍ୟ ହେବା ଉଚିତ ନୁହେଁ । ଖର୍ଚ୍ଚ କରି ରିପୋର୍ଟ ଦେବା ପଦ୍ଧତି ଅପେକ୍ଷା ରଣନୀତିକ, ଅଂଶଗ୍ରହଣମୂଳକ ଓ ଫଳାଫଳ-କେନ୍ଦ୍ରିତ ମଡେଲକୁ ଯିବାର ଆବଶ୍ୟକତା ତଥା ବିଶ୍ୱସନୀୟ କାର୍ଯ୍ୟକାରିତା, ଅଧିକ ଗୋଷ୍ଠୀ ଅଂଶଗ୍ରହଣ ଓ ସିଏସଆର ପଦକ୍ଷେପର ମାପଯୋଗ୍ୟ ମୂଲ୍ୟାଙ୍କନର ଆବଶ୍ୟକତା ଉପରେ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଇସ୍ପାତ, ବିଦ୍ୟୁତ, ଖଣି ଓ ଉତ୍ପାଦନ ଭଳି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି । ସିଏସଆର ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପୁଷ୍ଟି, ଜୀବିକା, ଦକ୍ଷତା ବିକାଶ, କ୍ରୀଡ଼ା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରାଥମିକତା ଦେବାକୁ ଶିଳ୍ପମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ଶିକ୍ଷାକୁ ଏକ ପ୍ରାଥମିକ କ୍ଷେତ୍ର ଭାବେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଡିଜିଟାଲ ଶିକ୍ଷା, ଛାତ୍ରବୃତି ଓ ମେଂଟରସିପରେ ବିନିଯୋଗ ବିଶେଷ କରି ଆଦିବାସୀ ଓ ପଛୁଆ ଜିଲ୍ଲାର ପ୍ରଥମ ପିଢ଼ିର ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତନ କରିପାରେ । ଖଣି ଓ ବୃହତ ଶିଳ୍ପ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଂଚଳରେ ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ, ଜଳ ସୁରକ୍ଷା, ଜୀବିକା ପୁନଃସ୍ଥାପନ, ସ୍ଥାନୀୟ ନିଯୁକ୍ତି ଓ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ ଅଧିକ କର୍ପୋରେଟ ସହଯୋଗ ବୃଦ୍ଧି ଉପରେ ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଓଡ଼ିଶା ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ପ୍ରତି ସମ୍ବେଦନଶୀଳ ହୋଇଥିବାରୁ ବିପର୍ଯ୍ୟୟ ହ୍ରାସ ଓ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଗୋଷ୍ଠୀଗୁଡ଼ିକ କେବଳ ପ୍ରକଳ୍ପର ଲାଭାର୍ଥୀ ହେବା ଉଚିତ ନୁହେଁ, ବରଂ ସେଗୁଡ଼ିକର ଖସଡ଼ା ପ୍ରସ୍ତୁତି ଏବଂ ବଜାୟ ରଖିବାରେ ସକ୍ରିୟ ଅଂଶୀଦାର ହେବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ନାଗରିକ ସମାଜ ଓ ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ଅବତାରଣା କରି କହିଥିଲେ ଯେ, କର୍ପୋରେଟ ପ୍ରଯୁକ୍ତି, ଦକ୍ଷତା, ନବସୃଜନ ଓ ସମ୍ବଳ ସାମାଜିକ ପ୍ରାଥମିକତା ସହିତ ସଂଯୁକ୍ତ ହେଲେ ସିଏସଆର ଏକ "ଉଭୟ ପକ୍ଷର ଲାଭ" ବ୍ୟବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ । ଲାଭ, ଗୋଷ୍ଠୀ ଏବଂ ପୃଥିବୀ- ଏହି ତିନିଟି ଦିଗର ସମନ୍ୱୟ ନୀତିକୁ ସ୍ଥାୟୀ କର୍ପୋରେଟ ବିକାଶର ମାର୍ଗଦର୍ଶକ କରିବା ଉଚିତ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ ।

## ଅଗଷ୍ଟ ୨୪ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଗାମୀ ଅଗଷ୍ଟ ୨୪ ତାରିଖ,ସୋମବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ । ମୁଖ୍ୟମନ୍ତ୍ରୀ ୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ ୮ ଘଟିକା ସମୟରୁ ସେଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅଗଷ୍ଟ ୧୯ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିପିପିଏସ୍://ଜନଶୁଣାଣି.ଓଡ଼ିଶା.ଜିଓଭି .ଇନ୍/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ

### ମେଧାବୀଙ୍କୁ ଗ୍ଲୋବାଲ୍ ଏକ୍ସପୋଜର୍ ଦେବାକୁ ଆରମ୍ଭ ହେଲା 'ଓଭରସିଜ୍ ସ୍କଲାରସିପ୍' ଯୋଜନା

ଭୁବନେଶ୍ୱର: ରାଜ୍ୟର ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ତଥା ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଣିକି ଅର୍ଥ ଅଭାବରୁ ଏହି ବର୍ଗର କୌଣସି ପିଲାଙ୍କ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାର ସ୍ୱପ୍ନ ଅଧୁରା ରହିବ ନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ 'ଓଭରସିଜ୍ ସ୍କଲାରସିପ୍' ବା ବିଦେଶୀ ଛାତ୍ରବୃତି ଯୋଜନାର ଶୁଭାରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନୂତନ ଏବଂ କଲ୍ୟାଣକାରୀ ଯୋଜନାର ଘୋଷଣା କରିଛନ୍ତି । ଏହି ଯୋଜନା ଅଧୀନରେ, ମେଧାବୀ ଏସସି ଓ ଏସଟି ଛାତ୍ରଛାତ୍ରୀମାନେ ବିଶ୍ୱର ନାମୀଦାମୀ ତଥା ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକୋତର (ପିଜି) ଏବଂ ପିଏଚଡି ଭଳି ଉଚ୍ଚଶିକ୍ଷା ଲାଭ କରିବା ପାଇଁ




ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ପାଇପାରିବେ । ସବୁଠାରୁ ବଡ଼ କଥା ହେଉଛି, ବିଦେଶରେ ପାଠ ପଢ଼ିବା ପାଇଁ ଆବଶ୍ୟକ ଟ୍ୟୁସନ୍ ଫି', ସେଠାରେ ରହିବା ଓ ଖାଇବା ଖର୍ଚ୍ଚ, ଭିସା ପ୍ରସ୍ତୁତି ଏବଂ ବିମାନ ଯାତ୍ରା ଟିକେଟ୍ ଖର୍ଚ୍ଚ ଭଳି ସମସ୍ତ ବ୍ୟୟଭାର ରାଜ୍ୟ ସରକାର ନିଜେ ବହନ କରିବେ । ଏହି ଯୋଜନାକୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନୋଡାଲ୍ ଏଜେନ୍ସି ଭାବେ ପରିଚାଳନା କରିବ । ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ପ୍ରତିବର୍ଷ କିଛି ନିର୍ଦ୍ଦିଷ୍ଟ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତି ପାଇଁ ମନୋନୀତ କରାଯିବ । ନିଜର ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଲଗାତାର ସଫଳତା ପ୍ରଦର୍ଶନ କରିଥିବା ପିଲାମାନଙ୍କୁ ଚୟନ ପ୍ରକ୍ରିୟାରେ ଅଧିକ ପ୍ରାଥମିକତା ଦିଆଯିବ ବୋଲି ସୂଚନା ମିଳିଛି । ସମାଜର ମୁଖ୍ୟ ସ୍ରୋତରୁ ପଛରେ ପଡ଼ିଥିବା ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ନୂତନ ଜ୍ଞାନକୌଶଳ ସହ ଯୋଡ଼ିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ପଦକ୍ଷେପ କେବଳ ଆର୍ଥିକ ଅନଗ୍ରସରତା ଦୂର କରିବ ନାହିଁ, ବରଂ ଶିକ୍ଷା କ୍ଷେତ୍ରରେ ଥିବା ସାମାଜିକ ବୈଷମ୍ୟକୁ ମଧ୍ୟ ହ୍ରାସ କରିବ । ରାଜ୍ୟର ଗରିବ ଆଦିବାସୀ ଓ ଦଳିତ ପରିବାରରୁ ଆସୁଥିବା ପିଲାମାନେ ବିଦେଶରୁ ପାଠ ପଢ଼ି ଆସିବା ପରେ ରାଜ୍ୟ ପାଇଁ ଭବିଷ୍ୟତର ନେତୃତ୍ୱ ସୃଷ୍ଟି କରିବାରେ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ବନ୍ୟାରେ ପ୍ରାଣୀଙ୍କ ସୁରକ୍ଷା ପାଇଁ ଆବଶ୍ୟକତା ଅନୁସାରେ ଗୋଖାଦ୍ୟ ପଠାଯାଉଛି : ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର : ରାଜ୍ୟର ବନ୍ୟା ପ୍ରଭାବିତ ଅଂଚଳରେ ଗୋଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ଜିଲ୍ଲାର ଆବଶ୍ୟକତା ଅନୁସାରେ ଗୋଖାଦ୍ୟ ପଠାଯାଉଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ସମ୍ପ୍ରତି ବନ୍ୟାରେ ରାଜ୍ୟର ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ସମେତ ୭ଟି ଜିଲ୍ଲା ପ୍ରଭାବିତ ହୋଇଛି । ପ୍ରଭାବିତ ଅଂଚଳରେ ସତର୍କତା ଜାରି କରାଯିବା ସହ ଗୃହପାଳିତ ପ୍ରାଣୀଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ବନ୍ୟା ଯୋଗୁଁ ମୋଟ ୮୮ଟି ବ୍ଲକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୯୨ ହଜାର ୧୯୪ ଗାଇ-ମଇଁଷି, ୧ ଲକ୍ଷ ୬୧ ହଜାର ୯୮୩ ଛେଳି-ମେଣ୍ଢା, ୮୩ ହଜାର ୨୬୫ ଚାଷୀ ଏବଂ ୪୪ ହଜାର ୪୫୯ କୁକୁଡ଼ା ପ୍ରଭାବିତ ହୋଇଛନ୍ତି । ପ୍ରାଣୀମାନଙ୍କ ଚିକିତ୍ସା ଓ ସୁରକ୍ଷା ପାଇଁ ୩୬ଟି ରାପିଡ୍ ରେସପନ୍ସ ଟିମ୍ ମୁତୟନ କରାଯାଇଛି । ଏହାସହ ୫୦ଟି ଆନିମଲ ହେଲଥ୍ କ୍ୟାମ୍ପ କରାଯାଇଛି । ଏହି କ୍ୟାମ୍ପଗୁଡ଼ିକରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଟୀକାକରଣ ମଧ୍ୟ ଜାରି ରହିଛି । ବନ୍ୟା ପୀଡ଼ିତଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ନିଜେ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ପୀଡ଼ିତଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଗ୍ରାଉଣ୍ଡରେ ସ୍ଥିତିର ତଦାରଖ କରିଛନ୍ତି ।

## ହୀରାକୁଦ ଜଳଭଣ୍ଡାରରେ ୧୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର : ହୀରାକୁଦ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଉଛି । ମହାନଦୀର ଉପରମୁଣ୍ଡରେ ବର୍ଷା ଫଳରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ



ବୃଦ୍ଧି ପାଉଥିବାରୁ ହୀରାକୁଦ ନଦୀବନ୍ଧର ଆଉ ୩ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ପୂର୍ବରୁ ତଳମୁଣ୍ଡରେ ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ମାତ୍ର ୭ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳ ନିଷ୍କାସନ ଚାଲିଥିବା ବେଳେ ଆଜି ଗେଟ୍ ଖୋଲିବା ପରେ ଗେଟ୍ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ଏବେ ବାମପାର୍ଶ୍ୱ ସ୍ପିଲ୍-ୱେର ୭ଟି ଓ ଡାହାଣ ପାର୍ଶ୍ୱର ସ୍ପିଲ୍-ୱେର ୩ଟି ଗେଟ୍‌କୁ ମିଶାଇ ମୋଟ୍ ୧୦ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଏବେ ଜଳଭଣ୍ଡାର ଜଳସ୍ତର ୬୧୯.୮୭ ଫୁଟ୍ ଥିବା ବେଳେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ୍ରେ ୨ ଲକ୍ଷ ୧ ହଜାର ୭୧୦ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧ ଲକ୍ଷ ୪୪ ହଜାର ୫୦୯ ଘନଫୁଟ୍ ବନ୍ୟାଜଳ ନିଷ୍କାସିତ ହେଉଛି । ଦୁଇଟି ସ୍ପିଲ୍ ମାଧ୍ୟମରେ ମୋଟ୍ ୧,୦୯,୩୪୭ ଘନଫୁଟ୍, ପାୱାର୍ କେନାଲ୍ ୩୧,୫୯୧ ଘନଫୁଟ୍, ଶିଳ୍ପାନୁଷ୍ଠାନ ବ୍ୟବହାରରେ ୨୨୯ ଘନଫୁଟ୍, ମୋଟ କେନାଲରେ ୩,୦୯୪ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି । ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଜଳସ୍ତରକୁ ଦୃଷ୍ଟିରେ ରଖି ଆହୁରି ଗେଟ ଖୋଲାଯିବାର ସମ୍ଭାବନା ମଧ୍ୟ ରହିଛି ।

## ଗାଲେ ଟେଷ୍ଟ ୨୦୨୬ : ଜିତିବା ପାଇଁ ଭାରତକୁ ୬ ୱିକେଟ ଆବଶ୍ୟକ

ଗାଲେ: ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଏବେ ଏକ ରୋମାଂଚକର ମୋଡ଼ରେ ପହଂଚିଛି । ଗାଲେ ଇଂଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ନିଜର ପଲଡା ଭାରି ରଖିଛି । ୩୭୨ ରନ୍‌ର ବଡ଼ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ଶ୍ରୀଲଙ୍କା ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୪ ୱିକେଟ ହରାଇ ମାତ୍ର ୮୪ ରନ୍ ସଂଗ୍ରହ କରିପାରିଛି । ଅନ୍ତିମ ଦିନରେ ଭାରତକୁ ବିଜୟ ସହ ସିରିଜ୍‌ରେ ୧-୦ରେ ଆଗୁଆ ହେବା ପାଇଁ ଆଉ ୬ଟି ୱିକେଟ ଆବଶ୍ୟକ । ଶ୍ରୀଲଙ୍କାକୁ ଜିତିବା ପାଇଁ ୨୮୮ ରନ୍‌ର କଠିନ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ । ଗାଲେର ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ




ଅନ୍ତିମ ଦିନରେ ଭାରତୀୟ ସ୍ପିନରମାନେ ବିଜୟ ପ୍ରକ୍ରିୟା ଶୀଘ୍ର ଶେଷ କରିବେ ବୋଲି ଆଶା କରାଯାଉଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପ୍ରଥମ ଇନିଂସରେ ୪୬୨ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା । ଯୁବ ବ୍ୟାଟର ଦେବଦତ ପାଡିକଲ ଚମତ୍କାର ଶତକ (୧୬୭) ହାସଲ କରିଥିବା ବେଳେ କେ.ଏଲ୍. ରାହୁଲ (୮୨) ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ସୋନାଲ ଦିନୁଷାଙ୍କ ଶତକ (୧୦୦) ବଳରେ ୨୮୪ ରନ୍‌ରେ ଅଲଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ସ୍ପିନର ମାନବ ସୁଥାର ୪ଟି ୱିକେଟ ନେଇ ଶ୍ରୀଲଙ୍କା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ । ୧୭୮ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ସହ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତୀୟ ଦଳ ୧୯୩ ରନ୍‌ରେ ଅଲଆଉଟ୍ ହୋଇଥିଲା । ଦଳ ପକ୍ଷରୁ ରିଷଭ ପନ୍ତ ଦ୍ରୁତ ୬୬ ରନ୍‌ର ଇନିଂସ ଖେଳିଥିଲେ । ଏହା ସହିତ ଶ୍ରୀଲଙ୍କା ଆଗରେ ୩୭୨ ରନ୍‌ର କଠିନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ପ୍ରାରମ୍ଭରୁ ହିଁ ଭାରତୀୟ ବୋଲରଙ୍କ ଶାଣିତ ବୋଲିଂର ସାମ୍ନା କରିବାରେ ବିଫଳ ହୋଇଥିଲା । ଭାରତୀୟ ବୋଲରମାନେ ନିୟମିତ ବ୍ୟବଧାନରେ ୱିକେଟ ହାସଲ କରି ଶ୍ରୀଲଙ୍କାକୁ ବ୍ୟାକଫୁଟକୁ ଠେଲି ଦେଇଛନ୍ତି ।

## ମହିଳା ହକି ବିଶ୍ୱକପ୍ ୨୦୨୬: ଦକ୍ଷିଣ ଆଫ୍ରିକାକୁ ୬-୧ ହରାଇଲା ଭାରତ



ଆମ୍ସଟରଡାମ: ମହିଳା ହକି ବିଶ୍ୱକପ୍ ୨୦୨୬ରେ ଭାରତୀୟ ମହିଳା ହକି ଦଳ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି । ଏହି ବିପୁଳ ବିଜୟ ସହ ଭାରତୀୟ ଦଳ ପୁଲ୍-ଡିର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ୍‌ରେ ଚୀନ ସହ ୨-୨ ଗୋଲ୍‌ରେ ଡ୍ର' ରଖିଥିବା ଭାରତ ଏବେ ୪ ପଏଂଟ ଏବଂ +୫ ଗୋଲ୍ ବ୍ୟବଧାନ ସହ ଆଗୁଆ ରହିଛି । ୱାଗେନର ହକି ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ୧୧ଶ ମିନିଟ୍‌ରେ ଓଡ଼ିଶାର ସୁନ୍ଦରଗଡ଼ର ଯୁବ ଖେଳାଳି ସୁନେଲିତା ଟପୋ ସାକ୍ଷୀ ରାଣାଙ୍କ ଆସିଷ୍ଟରୁ ପ୍ରଥମ ଗୋଲ୍ ସ୍କୋର କରି ଭାରତକୁ ୧-୦ରେ ଆଗୁଆ କରିଥିଲେ । ସୁନେଲିତାଙ୍କ ପ୍ରଥମ ଗୋଲ୍ ପରେ ଦ୍ୱିତୀୟ କ୍ୱାଟରରେ ନବନୀତ କୌର (ଡ୍ରାଗ୍-ଫ୍ଲିକ୍) ଏବଂ ସୁଶୀଳା ଚାନୁ ଗୋଟିଏ ଲେଖାଏଁ ଗୋଲ୍ ଦେଇ ହାଫ୍-ଟାଇମ୍ ସୁଦ୍ଧା ଭାରତକୁ ୩-୦ରେ ଆଗୁଆ ରଖିଥିଲେ । ୩୮ତମ ମିନିଟ୍‌ରେ ଦୀପିକା, ୪୯ତମ ମିନିଟ୍‌ରେ ଲାଲରେମସିଆମି ଏବଂ ସେହି ମିନିଟ୍‌ରେ ସାକ୍ଷୀ ରାଣାଙ୍କ ଦମଦାର ରିଭର୍ସ-ଷ୍ଟିକ୍ ସଟ୍ ବଳରେ ଭାରତ ୬-୦ର ବଡ଼ ଅଗ୍ରଣୀ ହାସଲ କରିଥିଲା । ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଶେଷ ହେବାର କିଛି ସମୟ ପୂର୍ବରୁ ଗୋଟିଏ ସାନ୍ତ୍ୱନାମୂଳକ ଗୋଲ୍ ଦେଇଥିଲା । ଭାରତୀୟ ଦଳର ଏହି ଶାଣିତ ଆକ୍ରମଣ ଏବଂ ୬ ଜଣ ଭିନ୍ନ ଭିନ୍ନ ଖେଳାଳିଙ୍କ ଗୋଲ୍ ସ୍କୋର କରିବା ଦଳର ମନୋବଳକୁ ବହୁତ ବଢ଼ାଇଦେଇଛି । ଆସନ୍ତା ଅଗଷ୍ଟ ୨୦ ତାରିଖରେ ଭାରତ ନିଜର ଶେଷ ପୁଲ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚ୍ଛଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**